# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ' ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, May 15/2023 | Page 16 ₹ 7.00 | SAMBALPUR

୪୯ଶ ଭାଗ ୧୬୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 169 ମୂଲ୍ୟ ₹୭/-



DSPL-42



ଓଡ଼ିଶା ସରକାର



# ଭୁବନେଶ୍ୱର



# ଦୁବାଇ

## ସିଧାସଳଖ ବିମାନ ସେବା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

**୧୫ ମଇ ୨୦୨୩**
**ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର**

- ଏହି ଆନ୍ତର୍ଜାତୀୟ ବିମାନ ସେବା ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ।
- ଇଣ୍ଡିଗୋ ଏୟାରଲାଇନ୍ସ ୧୫ ମଇ ୨୦୨୩ରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ କରିବ ।
- ଓଡ଼ିଶା ସରକାର ମାନ୍ୟବର ପ୍ରଧାନମନ୍ତ୍ରୀ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ନିକଟରେ ସମସ୍ତ ସହଯୋଗ ପାଇଁ କୃତଜ୍ଞ ।
- ଏହି ସେବା ଓଡ଼ିଶାକୁ ପଶ୍ଚିମ, ମଧ୍ୟପ୍ରାଚ୍ୟ ଦେଶସମୂହ ତଥା ବିଶ୍ୱ ସହିତ ସଂଯୋଗ କରିବ ।
- ପ୍ରାରମ୍ଭିକ ଉପହାର ସ୍ୱରୂପ ଯିବା କିମ୍ବା ଆସିବା ପାଇଁ ଟିକେଟର ମୂଲ୍ୟ ୧୦ ହଜାର ଟଙ୍କା ଏବଂ ଉଭୟ ଯିବା ଏବଂ ଆସିବା ପାଇଁ ୨୦ ହଜାର ଟଙ୍କା ରଖାଯାଇଛି ।

| | | | | |
|---|---|---|---|---|
| ଦୁବାଇ | ସ୍ଥାନୀୟ ସମୟ :୧୧:୨୫ | ଭୁବନେଶ୍ୱର | ସ୍ଥାନୀୟ ସମୟ :୧୭:୨୦ | ସୋମବାର, ବୁଧବାର, ଶୁକ୍ରବାର |
| ଭୁବନେଶ୍ୱର | ସ୍ଥାନୀୟ ସମୟ :୧୮:୩୦ | ଦୁବାଇ | ସ୍ଥାନୀୟ ସମୟ :୨୧:୪୫ | |



OIPR-38001/13/0009/2324

ବାଣିଜ୍ୟ ଓ ପରିବହନ ବିଭାଗ | IndiGo

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଓଡ଼ିଆ ଶ୍ରମିକ ମୃତ

**ନୂଆପଡ଼ା ଅଫିସ,୧୪।୫:** ଆନ୍ଧ୍ରପ୍ରଦେଶର ବିଜେୱାଡା ସହରକୁ କାମ କରିବାକୁ ଯାଇଥିବା ବେଳେ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡା ଜିଲା ସିନାପାଲି ଥାନା କୋଟାମାଲ ଗାଁର ଭକ୍ତ ଧାକଡ (୧୯)। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ବିଜେୱାଡା ସହରଠାରୁ ଅଳ୍ପ ଦୂରରେ ଥିବା ଏକ କମ୍ପାନୀରେ କାମ କରିବାକୁ ଅଞ୍ଚଳର ସାଙ୍ଗମାନଙ୍କ ସହିତ ଭକ୍ତ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଭକ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବା ବେଳେ ବ୍ୟବଚ୍ଛେଦ କାରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରି ଯୁବକଙ୍କ ଗାଁକୁ ମୃତଦେହ ପଠାଇବାକୁ ଉକ୍ତ କମ୍ପାନୀର ମାଲିକ କହୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇ ଜିଲାର ଲୋକେ ଅନେକ ସମୟରେ ନିର୍ଯାତିତ ହେବା ସହ ମୃତ୍ୟୁବାରଣ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ମୃତକ ପରିବାର ଏକ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।



### ଝାରଖଣ୍ଡ ଟାଟା ଆର୍ଚେରୀ ଏକାଡେମୀ କୋଚ୍‌ଙ୍କ ଲାଞ୍ଜିଗଡ଼ ଗସ୍ତ

**ଲାଞ୍ଜିଗଡ,୧୪।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଏସଏସଡି ସ୍କୁଲଠାରେ ଚାଲିଥିବା ତିରନ୍ଦାଜ ପ୍ରଶିକ୍ଷଣ ଶିବିର ଦେଖିବା ପାଇଁ ରବିବାର ଝାରଖଣ୍ଡ ଟାଟା ଆର୍ଚେରୀ ଏକାଡେମୀର ଆସିଷ୍ଟେନ ମ୍ୟାନେଜର ସ୍ପୋର୍ଟ ଏଣ୍ଡ ଆର୍ଚେରୀ କୋଚ୍ ଅନିଲ କୁମାର ଓ ବିକାଶ ଉପାଧ୍ୟାୟ ଲାଞ୍ଜିଗଡ ଗସ୍ତ କରିଥିଲେ। ରାଜ୍ୟ ଆର୍ଚେରୀ ଆସୋସିଏଶନ୍ ଓ ଟାଟା ଆର୍ଚେରୀ ଏକାଡେମୀ ମିଳିତ ଉଦ୍ୟମରେ ଏହି ଦୁଇ କୋଚ୍ ପ୍ରଥମେ ଭୁବନେଶ୍ୱର କିସ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ଼ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସେମାନେ ଜିଲା ଆଥେଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟନାୟକଙ୍କୁ ସାକ୍ଷାତ କରି ତାଙ୍କ ସହିତ ଆଲୋଚନା କରି ଲାଞ୍ଜିଗଡ ଗସ୍ତ କରିଥିଲେ। ଲାଞ୍ଜିଗଡ ଏସଏସଡି ସ୍କୁଲରେ ଚାଲିଥିବା ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ଦ୍ୱାରା ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପରେ ଗୋଟିଏଙ୍କୁ ଉତ୍ତମ ତାଲିମ ଦେବା ସହିତ କିଭଳି ଆଗକୁ ଜାତୀୟସ୍ତରରେ ଉନ୍ନତି ଆଣିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଲାଞ୍ଜିଗଡ ତିରନ୍ଦାଜ କୋଚ୍ ସୀମାଞ୍ଚଳ କାଡ୍ରକା ଓ ବେଦାନ୍ତ ସିଏସଆର ବିଭାଗର ଅଭିନଭ ପ୍ରତାପଙ୍କ ସହିତ କିପରି ଉତ୍ତମ ଆର୍ଚେରୀ ଗ୍ରାଉଣ୍ଡ ଓ ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ତାଲିମ ପ୍ରଦାନ କରାଯିବ ସେ ନେଇ ଆଲୋଚନା କରିଥିଲେ।

# ମୃତକଙ୍କ ସହାୟତା ରାଶି ପ୍ରଦାନରେ ବୈଷମ୍ୟ

**ବଲାଙ୍ଗୀର ଅଫିସ, ୧୪।୫**

- **ଲୋଇସିଂହା ବିଧାୟକ ଆଣିଲେ ଗୁରୁତର ଅଭିଯୋଗ**
- **ରାସ୍ତା ଦୁର୍ଘଟଣାରେ ବଲାଙ୍ଗୀର ଜିଲା ମୃତକଙ୍କୁ ମିଳିଛି କମ୍ ସହାୟତା**

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଗଇଁତଲା ସ୍ଥିତ ପୁଇଁତଲା ତହସିଲ ଅଫିସ ସମ୍ମୁଖରେ ଗତ ମଙ୍ଗଳବାର ସକାଳେ ଏକ ଦୁର୍ଘଟଣା ଘଟିଥିଲା। ଘରୋଇ ବସ୍ ଗଣପତି ଟ୍ରାଭେଲ୍ସ (ଓଡି୦୩ଆର୯୯୭୫) ଧକ୍କାରେ ଆଧାର କାର୍ଡ ଅପଡେଟ କରି ବାଇକରେ ଫେରୁଥିବା ବ୍ରାହ୍ମଣୀପାଲି ଗ୍ରାମର ବୀଣାପାଣି ପାଣ୍ଡେ ଓ ତାଙ୍କ ଦୁଇ ଝିଅ ଶିଖା (୧୬) ଏବଂ ରେଖା (୧୪)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ଗୋଟିଏ ପରିବାରର ତିନିଜଣଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଥିବାବେଳେ ଘରେ ରହିଯାଇଥିଲେ ମୃତ ବୀଣାପାଣିଙ୍କ ସ୍ତ୍ରୀ ଏବଂ ତାଙ୍କର ଆଉ ଦୁଇ ଝିଆ ଏହି ଘଟଣାକୁ ନେଇ ଘଟଣା ଦିନ ଲୋକେ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ଏବଂ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ଠାରେ ଦାବି ଜଣାଇଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିବାକୁ ଲୋକେ ଜିଲା ପ୍ରଶାସନ ଉପରେ ଚାପ ସୃଷ୍ଟି କରିଥିଲେ। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ମଧ୍ୟ ସରକାରଙ୍କ ପାଖକୁ ଚିଠି ଲେଖି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଥିଲା। ଦୁଇ ଝିଅଙ୍କୁ ୨୦ ହଜାର ଲେଖା ଏବଂ ବାପା ବୀଣାପାଣିଙ୍କୁ ୧୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଥିଲା। ଜିଲା ପ୍ରଶାସନ ତରଫରୁ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ତରଫରୁ ସହାୟତା ଯୋଗାଇବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗ ପକ୍ଷରୁ ମୁଖମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତ ଦୁଇ ଝିଅଙ୍କ ଉଦ୍ଦେଶ୍ୟରେ ୨ଲକ୍ଷ ଲେଖାଏ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ଏହି ସହାୟତା ରାଶିକୁ ନେଇ ଲୋଇସିଂହା ବିଧାୟକ ଡ. ମହାଲିଙ୍ଗ ଆଞ୍ଚଳିକ ବୈଷମ୍ୟ ଅଭିଯୋଗ ଆଣିଛନ୍ତି। ଶୋଚନୀୟ ମୃତ୍ୟୁରେ ଗୋଟିଏ ପରିବାର ଦାରୁଣ ଦୁଃଖ ପାଇ ଭାଙ୍ଗି ପଡିଥିବାବେଳେ ଏଭଳି ଏକ ସ୍ପର୍ଶକାତର ଏବଂ ମାନବୀୟ ଭାବାବେଗ ଜଡିତ ଘଟଣାରେ ମଧ୍ୟ ଆଞ୍ଚଳିକ ବୈଷମ୍ୟ ନୀତି ସ୍ପଷ୍ଟ ହୋଇଯାଉଛି ବୋଲି କହିଛନ୍ତି। ଗତ ମେ ୩ ତାରିଖ ଦିନର ମାଲକାନଗିରି ଜିଲାର ଏକ ରାସ୍ତା ଦୁର୍ଘଟଣାରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତ ୪ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ତାଙ୍କ ପରିବାରକୁ ଜଣ ପିଛା ୩ ଲକ୍ଷ ଟଙ୍କା ହିସାବରେ ୧୨ ଲକ୍ଷ ଟଙ୍କା ସହାୟତା କରିଥିବାବେଳେ ବଲାଙ୍ଗୀର ଜିଲାର ତିନି ମୃତକଙ୍କ ଉଦ୍ଦେଶ୍ୟରେ ମାତ୍ର ୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିରୁ ରାଜ୍ୟ ସରକାରଙ୍କ ଆଞ୍ଚଳିକ ବୈଷମ୍ୟ ସ୍ପଷ୍ଟ ହୋଇଯାଇଛି ବୋଲି ସେ କହିଛନ୍ତି। ତୁରନ୍ତ ବ୍ରାହ୍ମଣୀପାଲି ଗ୍ରାମର ମୃତ ବୀଣାପାଣି ପାଣ୍ଡେଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ସହ ସରକାରୀ ସହାୟତା ଯୋଗାଇବାକୁ ଦାବି କରିବା ସହ ଶୋଚନୀୟ ମୃତ୍ୟୁ ଭଳି ଘଟଣାକୁ ନେଇ କୌଣସି ଅଞ୍ଚଳର ଲୋକଙ୍କ ସହ ଆଞ୍ଚଳିକ ବୈଷମ୍ୟ ନୀତି ଅବଲମ୍ବନ ନ କରିବାକୁ ଦାବି କରିଛନ୍ତି।

# ଶାଳ ଚଉକାଠ ଜବତ



ଜବତ ହୋଇଥିବା ଶାଳ ଚଉକାଠ।

**ଦେଓଗାଁ,୧୪।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମାଲିପାଲି କେନ୍ଦୁପତ୍ର ଫଡିଘର ପଛପଟୁ ଶାଳ ଚଉକାଠ ଜବତ କରାଯାଇଛି। ମାଲିପାଲିରେ ବେଆଇନ ପଟା କାରାବାର ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଦେଓଗାଁ ରେଞ୍ଜର ଆଲୋକ ଚନ୍ଦ୍ର ମାଝିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପିଙ୍କୁ ଭୋଇଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ତେବେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବେଆଇନଭାବେ ଗଚ୍ଛିତ ରହିଥିବା ୧୬ଖଣ୍ଡ ଶାଳ ଚଉଖଟ, ଗୋଟିଏ ଲଗ ଓ ପଟଲି ୫ଟି ଜବତ କରି ଦେଓଗାଁ ରେଞ୍ଜକୁ ଅଣାଯାଇଥିଲା।

# ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ଗଠିତ



ବୈଠକରେ ଉପସ୍ଥିତ ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ।

**ଦେଓଗାଁ,୧୪।୫(ଡି.ଏନ.ଏ)**

**ବିଶ୍ୱଜିତ ସଭାପତି, କୃଷ୍ଣ ପ୍ରସାଦ ସମ୍ପାଦକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ନୂତନ ଗ୍ରାମ୍ୟ କମିଟି ଗଠିତ ହୋଇଯାଇଛି । ଦେଓଗାଁ ମେନରୋଡ ଦୁର୍ଗା ମଣ୍ଡପ ପରିସରରେ ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ଗ୍ରାମବାସୀଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ କମିଟିର ନୂତନ ସଭାପତିଭାବେ ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ କୃଷ୍ଣପ୍ରସାଦ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତିଭାବେ ଚନ୍ଦ୍ରଚୂଡ ବେହେରା ଓ କଲ୍ୟାଣ ସାହୁ, ସହସମ୍ପାଦକ ଅଜୟ ରଣା ଓ ବଦ୍ରୀନାଥ ହୋତା, କୋଷାଧ୍ୟକ୍ଷ ଭାବେ ବସନ୍ତ ଅଗ୍ରୱାଲ ଓ କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ସାହୁ ମନୋନୀତ ହୋଇଥିଲେ। ସକ୍ରିୟ ସଦସ୍ୟଭାବେ ସଞ୍ଜୀବ ସାହୁ, ସଞ୍ଜୟ ମହାନନ୍ଦ, ପରାମର୍ଶଦାତା କମିଟିରେ ବଳଭଦ୍ର ସାହୁ, ବେଣୁଧର ଦଲାଇ, ଘନଶ୍ୟମ ବାରିକ, ବାବୁଲାଲ ଅଗ୍ରୱାଲ, ନାରାୟଣ ସାହୁ, ରାଜେନ୍ଦ୍ର ନନ୍ଦ, ଆଶିଷ କୁମାର ସାହୁ ପ୍ରମୁଖ ରହିଛନ୍ତି । ଆଗାମୀ ଦିନରେ ଗ୍ରାମ୍ୟ ଉନ୍ନୟନ କମିଟି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ । ଦେଓଗାଁ ରୋଡରେ ଏକ୍ସପ୍ରେସ ଟ୍ରେନ ରହଣି ,ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା, ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ଆଦି ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତପ୍ରକାଶ ପାଇଛି ।



# ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

**ପାଟଣାଗଡ, ୧୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡର ଏକ ହୋଟେଲରେ ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘ ସଭାପତି ଶିବ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସହ ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂଘର ଆୟ ବ୍ୟୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ସାଧାରଣ ସମ୍ପାଦକ ଶିଶିର ଶତପଥୀ, ସହ ସମ୍ପାଦକ ଅଭୟ ତ୍ରିପାଠୀ ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ଦିଲୀପ ପୁରୋହିତ, ଦୀପକ ସମଜଦାର, ବଳରାମ ମିଶ୍ର, ବିମଳ କୁମାର ହୋତା, ବୀରେନ୍ଦ୍ର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଂଶୀଧର ସେଠ, ପ୍ରହଲ୍ଲାଦ ପାଢ଼ୀ, ସଦାଶିବ ସରାଫ, ପ୍ରଦୀପ୍ତ ମିଶ୍ର, ବିଶ୍ୱଜିତ ଦାଶ, ଘଟେଶ୍ୱର ମିଶ୍ର, ରଞ୍ଜିତ ବେହେରା, ଶରତ କୁମାର ମିଶ୍ର, ଶରତ ମହାକୁଡ, ସୁବୋଧ ମେହେର, ଚନ୍ଦ୍ରଭାନୁ ମୋଲାନା, ଶ୍ରୀବତ୍ସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡୋକରିଚଞ୍ଚରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କୋକସରା,୧୪।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ପର୍ଯ୍ୟଟନ ସ୍ଥଳୀରେ ରବିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ପରିବେଶ ଜରିଆରେ ପର୍ଯ୍ୟଟନ ସ୍ଥଳୀର ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନା ସଫାସୁତୁରା କରାଯାଇଛି। ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପର୍ଯ୍ୟଟନ ସ୍ଥଳୀକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ହେଲେ ସଚେତନତା ଅଭାବରୁ ଅନେକ ପର୍ଯ୍ୟଟକ ବର୍ଜ୍ୟବସ୍ତୁକୁ ପର୍ଯ୍ୟଟନ ସ୍ଥଳୀର ଏଣେତେଣେ ଫିଙ୍ଗି ଦେଉଥିବାରୁ ଅଳିଆ ଆବର୍ଜନା ହେଉଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, କମିଟି କର୍ମକର୍ତ୍ତା ଘନଶ୍ୟାମ ନାଏକ, ଅଇରୀ ନାସନ ଚିନ୍ଦା, ସୁଧୀର କୁମାର ପାତ୍ର, ନିଳାମ୍ବର ନାଏକ, ଚକାଡୋଲା ପାତ୍ର, ବରାଡଙ୍ଗା ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଅରୁଣ କୁମାର ଅଗ୍ରୱାଲ, ରବି ନାରାୟଣ ଦାସ, ସଞ୍ଜୟ କୁମାର ସିଙ୍ଘଲ, ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁ ସାମିଲ ହୋଇଥିଲେ। ଆଗକୁ ମଧ୍ୟ ପ୍ରତି ସପ୍ତାହରେ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଜାରି ରହିବ ଓ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ସ୍ୱଚ୍ଛତା ଉପରେ ସଚେତନ କରାଯିବ ବୋଲି ଉନ୍ନୟନ ସମିତି ପକ୍ଷରୁ କୁହାଯାଇଛି।



ଡୋକରିଚଞ୍ଚରାରେ ଅଳିଆ ଆବର୍ଜନା ସଫା କରାଯାଇଛି।

# ଦୁର୍ବ୍ୟବହାର ଅଭିଯୋଗ ପରେ ଲୋକେ ଘେରିଲେ

**ଦେଓଗାଁ,୧୪।୫(ଡି.ଏନ.ଏ)**

- **ରେଡ କରିବାକୁ ଯାଇଥିବା ବ୍ୟକ୍ତିଙ୍କ ଘରେ ମହିଳାଙ୍କ ଫଟୋ ଉଠାଇଥିଲେ ଫରେଷ୍ଟର**
- **ଉତ୍ତେଜିତ ଲୋକଙ୍କ କବଳରୁ ଉଦ୍ଧାର କଲା ପୋଲିସ**

ବଲାଙ୍ଗୀର ଜିଲା ବନ୍ଧପଡା ଫରେଷ୍ଟ ବିଟ୍ ଅଧିନରେ ଥିବା କାର୍ଯ୍ୟରତ ଫରେଷ୍ଟରଙ୍କ କାର୍ଯ୍ୟକୁ ନେଇ ଶନିବାର ଜୁରାବନ୍ଧ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ଫରେଷ୍ଟରଙ୍କୁ ଗାଁ ଲୋକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ଏନେଇ ଟିକ୍ରାପଡା ଫାଣ୍ଡିରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ସୂଚନାନୁସାରେ ଫରେଷ୍ଟର ନବ କିଶୋର ଦାସ ଶନିବାର ମଧ୍ୟାହ୍ନରେ ଜୁରାବନ୍ଧ ଗାଁର ନିଦ ଧରୁଆଙ୍କ ଘରକୁ ରେଡ କରିବା ପାଇଁ ଯାଇଥିଲେ। ସେତେବେଳେ ନିଦ ଘରେ ନ ଥିଲେ। ପୁରୁଷ ଲୋକେ ଆସିଲେ ଯାଞ୍ଚ କରିବ ବୋଲି ଫରେଷ୍ଟରଙ୍କୁ କୁହାଯାଇଥିଲା। ହେଲେ ସେ ଏହା ନ ଶୁଣି ଘର ଭିତରକୁ ଯାଇଥିଲେ। ଘରର ଝିଅମାନେ ଅପରାହ୍ନରେ ଶୋଇଥିବା ସମୟର ସେ ନିଜ ମୋବାଇଲରେ ଫଟୋ ଉଠାଇ ଫେରିଯାଇଥିଲେ। ଅଧଘଣ୍ଟା ପରେ ପୁଣି ଥରେ ସେଠାକୁ ଆସି ନିଦଙ୍କ ପରିବାରର ମହିଳା ସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସେଠାରେ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଟି ଶୁଣି ଗ୍ରାମର କେତେକ ଲୋକେ ସେଠାରେ ରୁଣ୍ଡ ହୋଇ ଯାଇଥିଲେ। ଫରେଷ୍ଟରଙ୍କ ଆଚରଣ ସମ୍ପର୍କରେ ଅବଗତ ହେବାପରେ ସେମାନେ ତାଙ୍କୁ ଠେଲାପେଲା କରିବା ସହ ଗାଁ ମଣ୍ଡପରେ ଅଟକ ରଖିଥିଲେ। ଖବର ପାଇ ଟିକ୍ରାପଡା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଫରେଷ୍ଟରଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ପକ୍ଷରୁ ଫରେଷ୍ଟରଙ୍କ ବିରୋଧରେ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି।ଭଭ ହେଲେ ଏତଲା ଦେବାର ୨୪ଘଣ୍ଟା ବିତିଯାଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ। ଏ ଦିଗରେ ଏସ୍‌ପି ଓ ଜିଲା ବନଖଣ୍ଡ ଅଧିକାରୀ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଗାଁ ଲୋକଙ୍କଠୁ ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇ ଫରେଷ୍ଟରକୁ ଉଦ୍ଧାର କରିଥିଲୁ। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ତେବେ ଫରେଷ୍ଟର ନବ କିଶୋର ଦାସ ଅଭିଯୋଗକୁ ଭିତ୍ତିହୀନ ବୋଲି କହି ମୁଁ ଡ୍ୟୁଟିରେ ଅଛି କହି ଫୋନ କାଟି ଦେଇଥିଲେ ।

# ଫଲ୍‌ସ ନ ଖୋଲୁଣୁ ଛାତରେ ଫାଟ

**ଲୋଇସିଂହା, ୧୪।୫(ଡି.ଏନ.ଏ)**

**ରାଜପଥ ପାର୍ଶ୍ୱ ଡ୍ରେନ କାମ ନିମ୍ନମାନର ଅଭିଯୋଗ**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି । ଲୋଇସିଂହା ଥାନା ବୁଢୀପଦର ଏବଂ ବୁର୍ଡା କଳାସୀ ପୋଲ ନିକଟ ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା । ଏଥିରେ ପ୍ଲେଟ ବସାଇବା ବ୍ୟବସ୍ଥା କରାଯାଇଥିଲା । ପ୍ଲେଟ ବସାଇବା ଏବଂ ସ୍ଥାନାନ୍ତର ଲାଗି ସେଥିରେ କ୍ଲିପ ଭଳି ଛଡ ଲଗାଯାଇଥିଲା । ନିମ୍ନମାନର ପ୍ଲେଟ କାମ ସହ ପ୍ଲେଟରୁ ବାହାରିଥିବା ଛଡ ପଥାଚାରୀଙ୍କ ପାଇଁ ବିପଦ ଆଶଙ୍କା କରି ଡ୍ରେନ କାମ ବନ୍ଦ କରି ଦିଆଗଲା । ଏବେ ଡ୍ରେନ ଉପରେ ପ୍ଲେଟ ବଦଳରେ ଛାତ ପକାଯାଉଛି । ଅନୁରୂପଭାବେ ଲୋଇସିଂହା ବସ୍‌ଷ୍ଟାଣ୍ଡଠାରେ ଡ୍ରେନ କାମ ଚାଲିଛି । ବାଲି, ସିମେଣ୍ଟ ଓ ଗୋଡି ମିଶ୍ରଣରେ ଅନିୟମିତତା ସହ ପାଣି ଦିଆଯାଉନାହିଁ। ଫଲସ ନ ଖୋଲୁଣି ରବିବାର ଡ୍ରେନ ଛାତରେ ଫାଟ ଦେଖିଥିଲେ ସ୍ଥାନୀୟ ଲୋକେ। ଏହାର ବିଧିବଦ୍ଧ ଜଦନ୍ତ କରାଯାଉ ବୋଲି ମନୋଜ ବେହେରା, କେଶବ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ପ୍ରକାଶ ମହାରଣା ପ୍ରମୁଖ ତଦନ୍ତ କରିବାକୁ ଦାବି ହେଉଛି ।

# ଦକ୍ଷିଣ ଶୌଣ୍ଡିକ ସାଂସ୍କୃତିକ ମହାସଭା

**କେସିଙ୍ଗା,୧୪।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଚାଞ୍ଚେରର ସାହୁପଡାରେ ଦକ୍ଷିଣ ଶୌଣ୍ଡିକ ସାଂସ୍କୃତିକ ମହାସଭାର କାର୍ଯ୍ୟକାରିଣୀ ଓ ନୂତନ କର୍ମକର୍ତ୍ତା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ବ୍ଲକ କମିଟି ଗଠନ ପାଇଁ ସମସ୍ତେ ମତପୋଷଣ କରିଥିଲେ। ସଭାପତି ଭାବେ ଭବାନୀ ସାହୁ ଏବଂ ସମ୍ପାଦକ ଭାବେ କୁଶଚନ୍ଦ୍ର ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ଉପ ସଭାପତି ଭାବେ ସୁଦର୍ଶନ ସାହୁ, ନରୋତ୍ତମ ପାତ୍ର, ପ୍ରମିଳା ସାହୁ ମନୋନୀତ ହୋଇଥିଲେ। ସହସମ୍ପାଦକ ମିତ୍ରସେନ ସାହୁ, କୋଷାଧକ୍ଷ ପୀତାମ୍ବର ସାହୁ ଓ କମିଟି ଉପଦେଷ୍ଟା ଭାବେ ପୂର୍ବତନ ବ୍ଲକ ସଭାପତି ଅନିରୁଦ୍ଧ ସାହୁ, ବରିଷ୍ଠ ସଦସ୍ୟ ବିଦ୍ୟାଧର ପାଇକରାୟ, କେଶରୀ ସାହୁ, ସୁରେଶ ସାହୁ, ଦେବରାଜ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ପୂର୍ବତନ ସଭାପତି ଅନିରୁଦ୍ଧ ସାହୁ ଶପଥ ପାଠ କରାଇଥିଲେ। ପୂର୍ବ ସମ୍ପାଦକ ରୋହିତ ସାହୁ ସଭା ପରିଚାଳନା କରିଥିବା ବେଳେ ଚାଞ୍ଚେର ଗ୍ରାମ୍ୟ କମିଟି ସମ୍ପାଦକ ସହଯୋଗ କରିଥିଲେ। ନୂତନ କର୍ମକର୍ତ୍ତାମାନେ ସମାଜ ସଂସ୍କାର ଏବଂ ସମାଜର ଏକତା ଦିଗରେ ଆଗାମୀ ଦିନରେ କାମ କରିବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମ ଚାଞ୍ଚେର ଗ୍ରାମ୍ୟ କମିଟିର ମିତ୍ରସେନ ସାହୁ, ରମେଶ ସାହୁ, ଭିକରାମ ସାହୁ, ସୁଦର୍ଶନ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ଲୋକେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଅଣଦେଖା ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

**ଓବିସି ମଞ୍ଚର ସାଙ୍ଗଠନିକ ବୈଠକ**

**ଟିଟିଲାଗଡ଼, ୧୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଓବିସି ମଞ୍ଚର ସାଙ୍ଗଠନିକ ବୈଠକ ସିହିନିଠାରେ ରବିବାର ଓବିସି ନେତା ତୁଳସି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ଓବିସି ମଞ୍ଚ ପକ୍ଷରୁ ଆୟୋଜିତ ସାଙ୍ଗଠନିକ ସଭାରେ ନେତୃବୃନ୍ଦ ଓବିସିଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ଅଣଦେଖା କରି ଚାଲିଥିବାରୁ ଲଢେଇ ପାଇଁ ଆହ୍ୱାନ ଦେଇଥିଲେ। ମଞ୍ଚ ଆବାହକ ମନୋଜ ହାତୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କୋର କମିଟି ସଦସ୍ୟ ଘିନୁ ଆଡଯୁଆଡ, ବାଳକୃଷ୍ଣ ଷାଣ୍ଡ, ଟିକେଲାଲ ବେହେରା, ଅଭୟ ସାହୁ, ଦେବାନନ୍ଦ ସାହୁ, ଲଳିତ ସାହୁ, ଦିଲୀପ ବିଶି, କୁନା ଭାଟି, କୃଷ୍ଣ ହାତୀ, ସଞ୍ଜିବ ସାହୁ, ଆଶିଷ ସାହୁ ପ୍ରମୁଖ ମତ ରଖି ସରକାରଙ୍କ ପକ୍ଷରୁ ଚାଲିଥିବା ଓବିସି ସର୍ଭେ ଏକ ପ୍ରହସନ ବୋଲି ଅଭିଯୋଗ କରିଛନ୍ତି। ଘରକୁ ଘର ଯାଇ ସର୍ଭେ କରିବା, ସର୍ଭେ ଉପରେ ପ୍ରଚାର ପ୍ରସାର, ସର୍ଭେ ଫର୍ମ ଉପଲବ୍ଧ କରିବାକୁ ନେତୃବୃନ୍ଦ ଦାବି କରିଥିଲେ। ଏନେଇ ଆସନ୍ତା ମଙ୍ଗଳବାର ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଆଗାମୀ ଦିନରେ ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ସିହିନି ଏବଂ ଜଗୁଆ ପଞ୍ଚାୟତ ପାଇଁ କମିଟି ଗଠନ ସହ ମଞ୍ଚ ଅନୁମୋଦନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଜୀବର୍ଦ୍ଧନ ଖର୍ସେଲ, ପ୍ରମୋଦ ସାହୁ, ବୃନ୍ଦାବନ ରଣା, ବିଷ୍ଣୁ ବାଗ, ଅମିନ ହେର୍ଣ୍ଣା, ସୁଧିର ଘଡେଇ, ସୁରେନ୍ଦ୍ର ପୋଢ, ଶକ୍ତି ବାଗ, ଗଜେନ୍ଦ୍ର ଛତର, ଜିତେନ୍ଦ୍ର ଖର୍ସେଲ, ଫକୀର ବାଗ, ହିତେଶ ନାଗ, ରାଜିନ୍ଦ୍ର ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଓବିସି ନେତୃବୃନ୍ଦ ସଭାକୁ ସମ୍ବୋଧିତ କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଓଡ଼ିଆ ଶ୍ରମିକ ମୃତ

**ନୂଆପଡ଼ା ଅଫିସ,୧୪।୫:** ଆନ୍ଧ୍ରପ୍ରଦେଶର ବିଜେୱାଡା ସହରକୁ କାମ କରିବାକୁ ଯାଇଥିବା ବେଳେ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡା ଜିଲା ସିନାପାଲି ଥାନା କୋଟାମାଲ ଗାଁର ଭକ୍ତ ଧାକଡ (୧୯)। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ବିଜେୱାଡା ସହରଠାରୁ ଅଳ୍ପ ଦୂରରେ ଥିବା ଏକ କମ୍ପାନୀରେ କାମ କରିବାକୁ ଅଞ୍ଚଳର ସାଙ୍ଗମାନଙ୍କ ସହିତ ଭକ୍ତ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଭକ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବା ବେଳେ ବ୍ୟବଚ୍ଛେଦ କାରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରି ଯୁବକଙ୍କ ଗାଁକୁ ମୃତଦେହ ପଠାଇବାକୁ ଉକ୍ତ କମ୍ପାନୀର ମାଲିକ କହୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇ ଜିଲାର ଲୋକେ ଅନେକ ସମୟରେ ନିର୍ଯାତିତ ହେବା ସହ ମୃତ୍ୟୁବାରଣ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ମୃତକ ପରିବାର ଏକ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ଝାରଖଣ୍ଡ ଟାଟା ଆର୍ଚେରୀ ଏକାଡେମୀ କୋଚ୍‌ଙ୍କ ଲାଞ୍ଜିଗଡ଼ ଗସ୍ତ

**ଲାଞ୍ଜିଗଡ,୧୪।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଏସଏସଡି ସ୍କୁଲଠାରେ ଚାଲିଥିବା ତିରନ୍ଦାଜ ପ୍ରଶିକ୍ଷଣ ଶିବିର ଦେଖିବା ପାଇଁ ରବିବାର ଝାରଖଣ୍ଡ ଟାଟା ଆର୍ଚେରୀ ଏକାଡେମୀର ଆସିଷ୍ଟେନ ମ୍ୟାନେଜର ସ୍ପୋର୍ଟ ଏଣ୍ଡ ଆର୍ଚେରୀ କୋଚ୍ ଅନିଲ କୁମାର ଓ ବିକାଶ ଉପାଧ୍ୟାୟ ଲାଞ୍ଜିଗଡ ଗସ୍ତ କରିଥିଲେ। ରାଜ୍ୟ ଆର୍ଚେରୀ ଆସୋସିଏଶନ୍ ଓ ଟାଟା ଆର୍ଚେରୀ ଏକାଡେମୀ ମିଳିତ ଉଦ୍ୟମରେ ଏହି ଦୁଇ କୋଚ୍ ପ୍ରଥମେ ଭୁବନେଶ୍ୱର କିସ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ ଓ ସୁନ୍ଦରଗଡ଼ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସେମାନେ ଜିଲା ଆଥେଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟନାୟକଙ୍କୁ ସାକ୍ଷାତ କରି ତାଙ୍କ ସହିତ ଆଲୋଚନା କରି ଲାଞ୍ଜିଗଡ ଗସ୍ତ କରିଥିଲେ। ଲାଞ୍ଜିଗଡ ଏସଏସଡି ସ୍କୁଲରେ ଚାଲିଥିବା ଲାଞ୍ଜିଗଡ ବେଦାନ୍ତ ଲିମିଟେଡ୍ ଦ୍ୱାରା ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପରେ ଗୋଟିଏଙ୍କୁ ଉତ୍ତମ ତାଲିମ ଦେବା ସହିତ କିଭଳି ଆଗକୁ ଜାତୀୟସ୍ତରରେ ଉନ୍ନତି ଆଣିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

### ଏମ୍. ରାମପୁରରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା,୧୪।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ଟାପରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ୩ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡିଏସପି ଅତୁଳ ଦାଶ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ରବିବାର ସକାଳୁ ଏମ୍. ରାମପୁର ଥାନା ଡମ୍ଫକରଲାଖୁଣ୍ଟା, ମାଣିକେରା ଆଦି ପଞ୍ଚାୟତ ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। କେକେବିଏନ୍ ଡିଭିଜିନାଲ କମିଟି ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି।

# ଅମଲାଙ୍କ ଦାବି ନେଇ ସରକାର ସଚେତନ ଅଛନ୍ତି

- ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ତ୍ରୟବାର୍ଷିକ ସମ୍ମିଳନୀ
- ଚିତ୍ତରଞ୍ଜନ ମୁଖ୍ୟ ପୃଷ୍ଠପୋଷକ, ଜୟଦ୍ରଥ ସଭାପତି, ଦିନେଶ ସମ୍ପାଦକ

**ସୋନପୁର,୧୪।୫(ନି.ପ୍ର.)**



ଅମଲା ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ବୃନ୍ଦ।

ଓଡିଶା ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ୧୫ତମ ତ୍ରୟବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏନଜିଓସିସି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚିତ୍ତରଞ୍ଜନ ତରାସିଆଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅମଲାମାନଙ୍କ ଦାବି ନେଇ ସରକାର ସଚେତନ ଅଛନ୍ତି। ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଏହାର ଅନୁଧ୍ୟାନ କରୁଛି। ସମସ୍ତଙ୍କ ସହମତିରେ ଆଲୋଚନା ଜରିଆରେ ଉଚିତ ପଦକ୍ଷେପ ନିଆଯିବ। ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଓଡିଶା ଅମଲା ସଂଘର ପ୍ରାକ୍ତନ ରାଜ୍ୟ ସଭାପତି ତଥା ମୁଖ୍ୟ ଉପଦେଷ୍ଟା ନାରାୟଣ ଦାଶ, ଓଡିଶା ଅମଲା ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ତଥା ସଂଘ ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ଓଡିଶା ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଦାଶ, ସାଂଗଠନିକ ସମ୍ପାଦକ ଅରୁଣ କୁମାର ବଳୀୟାର ସିଂ, ସୁବର୍ଣ୍ଣପୁର ଅମଲା ସଂଘର ସମ୍ପାଦକ ଦିନେଶ ରଞ୍ଜନ ମିଶ୍ର ମଞ୍ଚାସିନ ଥିଲେ। ସଭା ପ୍ରାରମ୍ଭରେ ସୁବର୍ଣ୍ଣପୁର ଜିଲା ଅମଲା ସଂଘର ଅଧ୍ୟକ୍ଷ ଚିତ୍ତରଞ୍ଜନ ତରାସିଆ ତାଙ୍କ ବକ୍ତବ୍ୟରେ ଜିଲାସ୍ତରୀୟ ଅମଲାମାନଙ୍କର ଏକମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କର ଦରମା ଲେବୁଲ ୪ରୁ ଲେବୁଲ ୯କୁ ବୃଦ୍ଧି କରିବା ପାଇଁ ଅର୍ଥମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଏନଜିଓସିସି ସମ୍ମିଳନୀ କକ୍ଷରେ ଏସି ଲଗାଇବା ଓ ଛାତରେ ଉପରେ ଏକ ଛାଉଣି ବ୍ୟବସ୍ଥା ପାଇଁ ତରାସିଆ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହି ସମ୍ମିଳନୀରେ କଟକ, ମାଲକାନଗିରି, ପୁରୀ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଢେଙ୍କାନାଳ ଓ ସମ୍ବଲପୁର ଜିଲାର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଭୀମ ଭୋଇ କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀନ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୩ ବର୍ଷ ପାଇଁ ଓଡିଶା ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ମୁଖ୍ୟ ପୃଷ୍ଠପୋଷକ ଭାବେ ଚିତ୍ତରଞ୍ଜନ ତରାସିଆ ମନୋନୀତ ହୋଇଥିଲେ। ସଭାପତି ଭାବେ ଜୟଦ୍ରଥ ଜଗଦଲା, ସମ୍ପାଦକ ଦିନେଶ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ଦିଲ୍ଲିପ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଶିବଦତ୍ତ ଦାଶ ଓ ସାଂଗଠନିକ ସମ୍ପାଦକ ଭାବେ ସ୍ୱରୂପ ରଞ୍ଜନ ପୂଜାରୀ ମନୋନୀତ ହୋଇଥିଲେ। ନିର୍ବାଚନ ପ୍ରକ୍ରିୟାକୁ କଟକ ଜିଲା ସମ୍ପାଦକ ଅଜୟ କୁମାର ଜେନା, ବୌଦ୍ଧ ଜିଲା ସମ୍ପାଦକ ସୁଦାମ ମିଶ୍ର ଓ ମାଲକାନଗିରି ଜିଲା ପ୍ରତିନିଧି ସୁକାନ୍ତ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲାର ରୂପ କିଶୋର ଦଳେଇ ଓ ଦ୍ୱିତୀୟ ପର୍ଯ୍ୟାୟରେ ମାନସୀ ଦାଶ ଧନ୍ୟବାଦ ଦେଇଥିଲେ। ପରିଶେଷରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଚିତ୍ତରଞ୍ଜନ ତରାସିଆଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ଅବସର ନେଇଥିବା କର୍ମକର୍ତ୍ତା ଓ ରାଜ୍ୟ ନେତୃବୃନ୍ଦଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ପ୍ରାରମ୍ଭରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ରାଜ୍ୟ ନେତୃବୃନ୍ଦଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ନିଆଯାଇଥିଲା ।

## ଫଲ୍‌ସ ନ ଖୋଲୁଣୁ ଛାତରେ ଫାଟ

**ଲୋଇସିଂହା, ୧୪।୫(ଡି.ଏନ.ଏ)**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଲୋଇସିଂହା ଥାନା ବୁଢୀପଦର ଏବଂ ବୁର୍ଡା କଳାସୀ ପୋଲ ନିକଟ ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା। ଏଥିରେ ପ୍ଲେଟ ବସାଇବା ବ୍ୟବସ୍ଥା କରାଯାଇଥିଲା। ପ୍ଲେଟ ବସାଇବା ଏବଂ ସ୍ଥାନାନ୍ତର ଲାଗି ସେଥିରେ କ୍ଲିପ ଭଳି ଛଡ ଲଗାଯାଇଥିଲା । ନିମ୍ନମାନର ପ୍ଲେଟ କାମ ସହ ପ୍ଲେଟରୁ ବାହାରିଥିବା ଛଡ ପଥଚାରୀଙ୍କ ପାଇଁ ବିପଦ ଆଶଙ୍କା କରି ଡ୍ରେନ କାମ ବନ୍ଦ କରି ଦିଆଗଲା । ଏବେ ଡ୍ରେନ ଉପରେ ପ୍ଲେଟ ବଦଳରେ ଛାତ ପକାଯାଉଛି । ଅନୁରୂପଭାବେ ଲୋଇସିଂହା ବସ୍‌ଷ୍ଟାଣ୍ଡଠାରେ ଡ୍ରେନ କାମ ଚାଲିଛି। ବାଲି, ସିମେଣ୍ଟ ଓ ଗୋଡି ମିଶ୍ରଣରେ ଅନିୟମିତତା ସହ ପାଣି ଦିଆଯାଉନାହିଁ। ଫଲସ ନ ଖୋଲୁଣି ରବିବାର ଡ୍ରେନ ଛାତରେ ଫାଟ ଦେଖିଥିଲେ ସ୍ଥାନୀୟ ଲୋକେ। ଏହାର ବିଧିବଦ୍ଧ ଜଦନ୍ତ କରାଯାଉ ବୋଲି ମନୋଜ ବେହେରା, କେଶବ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ପ୍ରକାଶ ମହାରଣା ପ୍ରମୁଖ ତଦନ୍ତ କରିବାକୁ ଦାବି ହେଉଛି।



କମିଟିର କର୍ମକର୍ତ୍ତା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

# ବୁଢ଼ିମାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ୨୧ରୁ

**ସୋନପୁର,୧୪।୫(ନି.ପ୍ର.)**

### ଦକ୍ଷିଣ ଭାରତ ଶୈଳୀରେ ନିର୍ମିତ ହୋଇଛି ମନ୍ଦିର



ସୁବର୍ଣ୍ଣପୁର ସହର ଡେରାପଡାରେ ମା' ବୁଢୀମାଙ୍କ ନୂତନ ମନ୍ଦିର ନିର୍ମାଣ ହୋଇଛି। ଦକ୍ଷିଣ ଭାରତୀୟ ଶୈଳୀରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହୋଇଥିବା ବେଳେ ଆସନ୍ତା ୨୧ ରୁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହେବ। ୫ ଦିନ ବ୍ୟାପି ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହେବ ବୋଲି ବୁଢୀମା ମନ୍ଦିର ନିର୍ମାଣ କମିଟି ଓ ବୁଢୀମା ଯୁବକ ସଂଘ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ, ସୁନ୍ଦରାକାଣ୍ଡ ଓ ଭଜନ ସନ୍ଧ୍ୟା ଭଳି କାର୍ଯ୍ୟକ୍ରମ ଆୟୋଜିତ ହେବ। ୨୪ ଓ ୨୫ ତାରିଖ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ୨୫ ତାରିଖରେ ପୂର୍ଣ୍ଣାହୂତି ପରେ ମା' ବୁଢ଼ିମା ନୂତନ ମନ୍ଦିରକୁ ବିଜେ କରିବେ। ଡେରାପଡାରେ ଡେରା(ତେଲୁଗୁ) ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ବୁଢ଼ିମା ସେମାନଙ୍କ ଇଷ୍ଟଦେବୀ। ପ୍ରତି ଦୁଇ ବର୍ଷରେ ଥରେ ହରଗୌରୀ ଯାତ୍ରା ମହା ସମାରୋହରେ ଆୟୋଜିତ ହୁଏ । ସମସ୍ତଙ୍କ ସହଯୋଗରେ ପୁରୁଣା ମନ୍ଦିର ସ୍ଥାନରେ ଦୁଇ ବର୍ଷ ଭିତରେ ନୂତନ ମନ୍ଦିର ନିର୍ମାଣ ହୋଇଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତୀୟ ଶୈଳୀରେ କାରୁକାର୍ଯ୍ୟ ସମ୍ପନ୍ନ ଭବ୍ୟ ମନ୍ଦିର ନିର୍ମାଣ ହୋଇଛି। ଜନସାଧାରଣ ଏହି ଧାର୍ମିକ କାର୍ଯ୍ୟରେ ଉପସ୍ଥିତ ରହି ମା'ଙ୍କ ବିଭୁ କୃପା ଲାଭ କରିବାକୁ କମିଟିର କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମନ୍ଦିର ନିର୍ମାଣ କମିଟିର ସମ୍ପାଦକ ଜନ୍ମେଜୟ ପାତ୍ର, ବୁଢ଼ିମା ଯୁବକ ସଂଘର ସଭାପତି ଦିଲ୍ଲିପ ପାତ୍ର, ସତ୍ୟ ନାରାୟଣ ରାଓ, ଆନନ୍ଦ ପାତ୍ର, ଶ୍ୟାମ ସୁନ୍ଦର ପାତ୍ର ଓ କାଉନସିଲର ରାଜ କିଶୋର ରାଓ ଉପସ୍ଥିତ ଥିଲେ ।

### ଜିଲା ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ

## ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

**ପାଟଣାଗଡ, ୧୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡର ଏକ ହୋଟେଲରେ ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘ ସଭାପତି ଶିବ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସହ ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂଘର ଆୟ ବ୍ୟୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ସାଧାରଣ ସମ୍ପାଦକ ଶିଶିର ଶତପଥୀ, ସହ ସମ୍ପାଦକ ଅଭୟ ତ୍ରିପାଠୀ ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ ଦିଲୀପ ପୁରୋହିତ, ଦୀପକ ସମଜଦାର, ବଳରାମ ମିଶ୍ର, ବିମଳ କୁମାର ହୋତା, ବୀରେନ୍ଦ୍ର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଂଶୀଧର ସେଠ, ପ୍ରହଲ୍ଲାଦ ପାଢ଼ୀ, ସଦାଶିବ ସରାଫ, ପ୍ରଦୀପ୍ତ ମିଶ୍ର, ବିଶ୍ୱଜିତ ଦାଶ, ଘଟେଶ୍ୱର ମିଶ୍ର, ରଞ୍ଜିତ ବେହେରା, ଶରତ କୁମାର ମିଶ୍ର, ଶରତ ମହାକୁଡ, ସୁବୋଧ ମେହେର, ଚନ୍ଦ୍ରଭାନୁ ମୋଲାନା, ଶ୍ରୀବତ୍ସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ


ମୃତଦେହ ପୋତାଯାଇଥିବା ସ୍ଥାନକୁ ପୋଲିସ ଓ ସମ୍ପର୍କୀୟ ଯାଉଛନ୍ତି।

**ଅମରପାଲି,୧୪।୫(ଡି.ଏନ.ଏ)**

- ତରବରରେ ପୋତିଦେଲେ ମୃତଦେହ
- ସନ୍ଦେହରେ ଦମ୍ପତି ଅଟକ
- ପୋଲିସର ତଦନ୍ତ ଜାରି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ରୁଗୁଡିପାଲି ଗାଁରେ ଜଣେ ଭିନ୍ନକ୍ଷମ ଯୁବକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ମୃତଦେହକୁ ତରବର ଭାବେ ପୋତି ଦିଆଯାଇଛି। ତେଣୁ ମୃତ୍ୟୁ ସ୍ୱାଭାବିକ ନା ତାଙ୍କୁ ହତ୍ୟା କରାଯାଇଛି ତାହାକୁ ନେଇ ସନ୍ଦେହ ଦେଖା ଦେଇଛି। ମୃତକ ହେଲେ ରୁଗୁଡିପାଲି ଗାଁର ସେବକ ଜଗଦଲା(୩୦)। ପୂର୍ବରୁ ମୃତକଙ୍କ ମାତାପିତଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ସେ ତାଙ୍କ କକାଙ୍କ ଘରେ ରହୁଥିଲେ। ପୋଲିସ ସୂଚନା ଅନୁସାରେ ଗତ ଶୁକ୍ରବାର ସେବକ ଗ୍ରାମ ନିକଟ ମହୁଲପାଲି ଗ୍ରାମକୁ ଦଣ୍ଡ ଦେଖିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ପରେ ଘରେ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତକଙ୍କ କକା ଘର ଲୋକେ ତରତର ହୋଇ ଗାଁ ମୁଣ୍ଡରେ ଥିବା ନାଳରେ ତାଙ୍କ ମୃତଦେହ ପୋତି ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲା। ଶନିବାର ରାତି ତମାମ ଶବ ପୋତିଥିବା ସ୍ଥାନରେ ପୋଲିସ ଜଗି ରହିଥିଲା। ସେବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ତାଙ୍କ ସମ୍ପର୍କୀୟ ଲବ ଜଗଦଲା ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ସନ୍ଦେହରେ ପୋଲିସ ଉକ୍ତ ଗ୍ରାମର ଏକ ଦମ୍ପତିଙ୍କୁ ଜଣକୁ ଅଟକ ରଖି ପଚରାଉଚରା କରୁଛି। ଅଂଶୁଘାତରୁ ମୃତ୍ୟୁ ହୋଇଥାଇ ପାରେ ବୋଲି କେତେକ କହୁଥିବା ବେଳେ ଆଉ କେତେକ ତାଙ୍କ ଜମିବାଡି ହଡପ ପାଇଁ ହତ୍ୟା କରାଯାଇ ଥାଇ ପାରେ ବୋଲି କହୁଛନ୍ତି।ତେବେ ସନ୍ଦେହଜନକ ଭାବେ ମୃତ୍ୟୁ ପରେ ତରବର ରେ ମୃତଦେହ ପୋତି ଦେବା ସନ୍ଦେହ ସୃଷ୍ଟି କରୁଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି।

# ରୋଗୀଙ୍କ ପରିଜନଙ୍କୁ ମାଗଣା ରନ୍ଧାଖାଦ୍ୟ ସେବା ଉଦ୍‌ଘାଟିତ

**ସୋନପୁର, ୧୪।୫(ନି.ପ୍ର)**


ଏସପି ଡାକ୍ତରଖାନା ପରିସରରେ ମାଗଣା ରନ୍ଧାଖାଦ୍ୟର ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପରିଜନମାନଙ୍କୁ ମାଗଣା ରନ୍ଧାଖାଦ୍ୟ ସେବା ରବିବାର ଉଦ୍‌ଘାଟିତ ହୋଇଯାଇଛି। ସହରର ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ପ୍ରତି ରବିବାର ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛି। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମାଗଣା ଖାଦ୍ୟ ପ୍ରଦାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମେଡିକାଲ ଅଧିକ୍ଷକ ଡା ଦୁର୍ଗାଦତ୍ତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚନ୍ଦ୍ରିକା ସେବା ଟ୍ରଷ୍ଟର ଏହି ମାଗଣା ଖାଦ୍ୟ ସେବା କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେ। ରବିବାର ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ଖାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ରୋଗୀଙ୍କ ସମ୍ପର୍କୀୟ ମାନଙ୍କୁ ହୋଟେଲରୁ ଅଧିକ ମୂଲ୍ୟରେ ରନ୍ଧା ଖାଦ୍ୟ କିଣିବାକୁ ପଡୁଥିଲା।ଚିକିତ୍ସାଳୟ ପରିସରରେ ଏଭଳି ଏକ କାର୍ଯ୍ୟକ୍ରମ ରୋଗୀଙ୍କ ସମ୍ପର୍କୀୟଙ୍କ ଖାଦ୍ୟ ଚିନ୍ତାକୁ ଦୂର କରି ପାରିଛି ବୋଲି ଏସ୍‌ପି ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର, ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ପଟେଲ, ସମାଜସେବୀ ଶ୍ରୀବଚ୍ଛ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଶାଳ ଚଉକାଠ ଜବତ

**ଦେଓଗାଁ,୧୪।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମାଳିପାଲି କେନ୍ଦୁପତ୍ର ଫଡିଘର ପଛପଟୁ ଶାଳ ଚଉକାଠ ଜବତ କରାଯାଇଛି। ମାଳିପାଲିରେ ବେଆଇନ ପଟା କାରବାର ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଦେଓଗାଁ ରେଞ୍ଜର ଆଲୋକ ଚନ୍ଦ୍ର ମାଝିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପିଙ୍କୁ ଭୋଇଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା । ତେବେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି।

# ୪ ବର୍ଷ ହେଲା ଶଯ୍ୟାଶାୟୀ ଭାରତୀ

**ବାଉଁଶୁଣୀ,୧୪।୫(ଡି.ଏନ୍.ଏ.)**


ଖଟରେ ଶୋଇଛନ୍ତି ଭାରତୀ ମେହେର।

ବୌଦ୍ଧ ବ୍ଲକ ବାଉଁଶୁଣି ପଞ୍ଚାୟତ ବଉଦିଆପଡ଼ା ଗ୍ରାମର ଭାରତୀ ମେହେର (୩୦) ୪ ବର୍ଷ ହେଲା ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି। ସେ ବରଗଡ଼ ଜିଲା ବରପାଲି ଗ୍ରାମରେ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ କୌଣସି କାରଣରୁ ସ୍ୱାମୀ ୧ ବର୍ଷର ଝିଅ ଏବଂ ଭାରତୀଙ୍କୁ ଘରୁ ବାହାର କରିଦେଇଥିଲେ। ନିରୁପାୟ ହୋଇ ଛୋଟ ଝିଅକୁ ଧରି ୫ ବର୍ଷ ହେବ ବାପଘରେ ରହୁଛନ୍ତି। ହେଲେ ବାପଘରେ ଗୋଟିଏ ବର୍ଷ କାଟିବା ପରେ ହଠାତ୍ ଭାରତୀଙ୍କ ୨ ଗୋଡ଼ ଅକାମୀ ହୋଇଗଲା। ବୁଢ଼ା ବାପା ତାଙ୍କୁ ପ୍ରଥମେ ବାଉଁଶୁଣି ମେଡିକାଲ ପରେ ବୌଦ୍ଧ, ସୋନପୁର, ବୁର୍ଲା ନେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆର୍ଥିକ ସ୍ଥିତି ଠିକ ନଥିବାରୁ ଚିକିତ୍ସା ନ ପାଇ ଖଟରେ ପଡ଼ି ରହିଛନ୍ତି ଭାରତୀ। ସରକାରୀ ସହାୟତା ତାଙ୍କ ପାଇଁ ସାତ ସପନ। ଭାରତୀଙ୍କ ବାପା ପବିତ୍ର ମୋହନ ମେହେରଙ୍କୁ ୭୩ ବର୍ଷ ହୋଇଥିବା ବେଳେ ମା' ଲଳିତାଙ୍କୁ ୭୦ ବର୍ଷ ହେଲାଣି। ହେଲେ ଆଜ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା କି ଚାଉଳ ମିଳିନାହିଁ। ଫଳରେ ଦିନେ ଖାଇବାକୁ ପାଇଲେ ଦିନେ ଉପବାସ ରୁହନ୍ତି ୪ ପ୍ରାଣୀ। ତେଣୁ ତୁରନ୍ତ ବୌଦ୍ଧ ଜିଲା ପ୍ରଶାସନ ଭାରତୀଙ୍କୁ ଚିକିତ୍ସା ସେବା ଯୋଗାଇବା ସହ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ଭାରତୀଙ୍କୁ ଚିକିତ୍ସା ସେବା ଯୋଗାଇବା ସହ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

# ବିଜୁଳି କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ବୌଦ୍ଧ,୧୪।୫(ସ୍ୱ.ପ୍ର.)**



ବୈଠକରେ ଉପସ୍ଥିତ ଅତିଥି।

ବୌଦ୍ଧ ଏଆଇଟିୟୁସି ସହ ଅନୁବନ୍ଧିତ ଜିଲା ବିଜୁଳି କର୍ମଚାରୀ ସଂଘର ବୌଦ୍ଧ ଡିଭିଜିନର ବାର୍ଷିକ ସାଧାରଣ ଅଧିବେଶନ ସହରର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ଉପସଭାପତି ଭ୍ରମରବର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦକ୍ଷିଣାଞ୍ଚଳ ଜୋନ ସମ୍ପାଦକ ଦୁର୍ଗାପ୍ରସାଦ ନନ୍ଦ, ରାଜ୍ୟ ଉପସାଧାରଣ ସମ୍ପାଦକ ଶମ୍ଭୁପ୍ରସାଦ ମହାପାତ୍ର, କନ୍ଧମାଳ ଡିଭିଜନ ସମ୍ପାଦକ ଦିଲୀପ କୁମାର ସାହୁ, ବୌଦ୍ଧ ଡିଭିଜନ ସମ୍ପାଦକ ପ୍ରତାପ ପ୍ରଧାନ, ସଂଗଠନର ଉପଦେଷ୍ଟା ଅବକାଶ ସାହୁ, ସୁନିଲ କୁମାର ପ୍ରଧାନ, ଗୁପ୍ତେଶ୍ୱର ପ୍ରଧାନ, ତାପସ ବଡମାଳି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଆଉଟସୋର୍ସିଂ ନାମରେ ଯୁବକମାନଙ୍କୁ ଶୋଷଣର ପ୍ରତିବାଦ କରିବା ସହ ସରକାରଙ୍କ ତୁରନ୍ତ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ମାନି ସେବା ଯୋଗାଉଥିବା ବିଜୁଳି କର୍ମଚାରୀ ଆଜି ଦୁର୍ଦ୍ଦିନରେ କାଳ କାଟୁଥିବା ମତ ପ୍ରଦାନ କରିଥିଲେ। ଶେଷରେ ଆଗାମୀ ବର୍ଷ ପାଇଁ ବୌଦ୍ଧ ଡିଭିଜନର ଉପଦେଷ୍ଟା ଭାବେ ଅବକାଶ ସାହୁ, ସାଧାରଣ ସମ୍ପାଦକ ପ୍ରତାପ କୁମାର ପ୍ରଧାନ, ସଂଗଠନ ସମ୍ପାଦକ ଭାବେ ଦିପ୍ତେଶ୍ୱର ପ୍ରଧାନ ଓ ସୁନିଲ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡିଜେ ସାଉଣ୍ଡ ବକ୍ସ ପଡି ଚିକିତ୍ସାଧୀନ ନାବାଳକ ମୃତ

**ରାଉରକେଲା ଅଫିସ,୧୩।୫:** ଏକ ବାହାଘର କାର୍ଯ୍ୟକ୍ରମରେ ବରଯାତ୍ରୀ ଯାଇଥିବା ବେଳେ ଡିଜେ ସାଉଣ୍ଡ ପଡିଯିବାରୁ ଜଣେ ନାବାଳକ ଗୁରୁତର ହୋଇ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲେ ବିରଡାମୁଣ୍ଡାଟୋଲା ବସ୍ତିର ବଣ୍ଟି ମୁଣ୍ଡା(୧୧)। ଏ ନେଇ ରଘୁନାଥପାଲି ପୋଲିସ ଏକ ମାମଲା (ନଂ.୪୫।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରଡାମୁଣ୍ଡା ଟୋଲା ବସ୍ତିର ବାହାଦୂର ମୁଣ୍ଡା ଗତ ୮ ତାରିଖରେ ଜଲଦା କଟନି ଅଞ୍ଚଳରେ ତାଙ୍କର ଜଣେ ବନ୍ଧୁଙ୍କ ବାହାଘର ବରଯାତ୍ରୀରେ ଯୋଗଦେବା ପାଇଁ ସ୍ତ୍ରୀ ସୁକମଣି ମୁଣ୍ଡା ଓ ପୁଅ ବଣ୍ଟିଙ୍କୁ ଧରି ଯାଇଥିଲେ। ଏହି ସମୟରେ କଟନି ଛକରେ ଡିଜେ ସାଉଣ୍ଡ ବକ୍ସ ଟାଟା ପିକ୍‌ଅପ୍ ଭ୍ୟାନ୍‌ରୁ ଖସି ପଡିଥିଲା। ଫଳରେ ଶୋଭାଯାତ୍ରାରେ ନାଚୁଥିବା ବଣ୍ଟି ଏଥିରେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତାଙ୍କୁ ପ୍ରଥମେ ଆର୍‌ଜିଏଚ ଏବଂ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାରେ ବସୁନ୍ଧରା ଡିଏଭି ପବ୍ଲିକ୍ ସ୍କୁଲର ସଫଳତା

**ହେମଗିରି,୧୪।୫( ଡି.ଏନ୍.ଏ.):** ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାରେ ବସୁନ୍ଧରା ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଶତପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ପରୀକ୍ଷାରେ ମୋଟ ୫୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ସ୍ନେହାକୁମାରୀ ୯୫.୨ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ମଧୁ ଭରଦ୍ୱାଜ ୯୪.୨ ପ୍ରତିଶତରେ ଦ୍ୱିତୀୟ, ସ୍ନେହାଶିସ ଚୌଧୁରୀ ୯୪ ପ୍ରତିଶତରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ସର୍ବମୋଟ ୧୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ କୁମାରୀ ସୁମନ ୯୨.୨ପ୍ରତିଶତ ରଖି ପ୍ରଥମ ସ୍ଥାନ, ଶିବୁ ଭରଦ୍ୱାଜ ୮୮ପ୍ରତିଶତରେ ଦ୍ୱିତୀୟ ଏବଂ ଅଂଶୁ ନାୟକ ୮୧.୮ ପ୍ରତିଶତରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ଛାତ୍ରୀଛାତ୍ରଙ୍କ ସଫଳତାକୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନବରତ ପ୍ରେରଣାକୁ ମଧ ପ୍ରଶଂସା କରିଛନ୍ତି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଲହୁଣୀପଡ଼ା,୧୪।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କମାର ପୋଷ ଗ୍ରାମର ଜଣେ ମହିଳା ଶନିବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥିଲେ। ଏକୁଟିଆର ସୁଯୋଗ ନେଇ ଠେଲା କୁଦର ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିଲେ। ଏନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଡାକ୍ତରୀମାଇନା କରାଇଛି।

# ତତଲା କଡ଼େଇରେ ସିଝୁଛି ସୁନ୍ଦରଗଡ଼

ସୁନ୍ଦରଗଡ଼,୧୪।୫(ଡି.ଏନ୍.ଏ.)

ତତଲା କଡ଼େଇରେ ସିଝୁଛି ସୁନ୍ଦରଗଡ଼। ଶନିବାର ଏଠାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ରବିବାର ତାପମାତ୍ରା ୪୧.୮ ଡିଗ୍ରୀ ଥିଲା। ସକାଳ ୧୦ଟା ପରେ ଘରୁ ବାହାରିବା କଷ୍ଟ ସାଧ ହୋଇପଡୁଛି। ରାସ୍ତା ପ୍ରଶସ୍ତୀକରଣ ଓ ବିଭିନ୍ନ କୋଠାବାଡ଼ି ନିର୍ମାଣ ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ଗଛ ବଳିପଡୁଛି। ଫଳରେ ଖାରାଦିନେ ତାପମାତ୍ରା ଅହେତୁକଭାବେ ବୃଦ୍ଧି ପାଉଛି। ପ୍ରଚଣ୍ଡ ଖରାଯୋଗୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲି ଲୋକଙ୍କୁ ସରବତ, ଜଳ ବଣ୍ଟନ ପାଇଁ ଆଗେଇ ଆସିଛନ୍ତି ଜିଲା ପୋଲିସ ଓ ସ୍ୱେଚ୍ଛାସେବୀ ସଙ୍ଗଠନ। ଷ୍ଟାଡିୟମ ଛକରେ ଜିଲା କ୍ରୀଡା ସଂସଦ ପକ୍ଷରୁ ସ୍ୱତନ୍ତ୍ର



ସଦର ଥାନା ପୋଲିସ ପକ୍ଷରୁ କରମଡିହି ଛକରେ ଜଳବଣ୍ଟନ କରାଯାଉଛି।

ଜଳଛତ୍ର ଖୋଲାଯାଇ ଦହି, ବେଲପଣା, ଓଆର୍‌ଏସ ପାଣି ବଣ୍ଟନ କରାଯାଉଛି। ରବିବାର ସଦର ଥାନା ପୋଲିସ ପକ୍ଷରୁ ସଦର ଥାନା ଛକ, କରମଡିହି ଛକଠାରେ ସ୍ୱତନ୍ତ୍ର ଜଳଛତ୍ର ଖୋଲାଯାଇ ପଥଚାରୀ, ସାଇକେଲ ଆରୋହୀ, ଅଟୋ, ଟ୍ୟାକ୍ସି, ବସଯାତ୍ରୀଙ୍କୁ ସରବତ ବଣ୍ଟନ କରାଯାଇଛି। ସଦରଥାନା ଆଇଆଇସି ରମେଶ କୁମାର ମାହାନ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଏହି ସରବତ ବଣ୍ଟନ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ କେବଳ ପ୍ରଶାସନ ନୁହେଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ଉଦ୍ୟମକୁ ଜିଲାପାଳ ଡ.ପରାଗ ଗାଭାଲି ପ୍ରଂଶସା କରିଛନ୍ତି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜରୁରୀ କାମ ନଥିଲେ ଟାଣ ଖରାରେ ନଯିବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଅପରପକ୍ଷରେ ହସ୍ପିଟାଲ ଛକ ଓ ଅନ୍ୟାନ୍ୟ ସ୍ଥାନରେ ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ଆସୁଥିବା ଯାତ୍ରୀଙ୍କ ପାଇଁ କୌଣସି ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ମୁଣ୍ଡଫଟା ଖରାରେ ସେମାନେ ହଇରାଣ ହେଉଛନ୍ତି। ଏଣୁ ଏସବୁ ସ୍ଥାନରେ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ରେଷ୍ଟସେଡ, ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଆଇସିଏସ୍‌ଇରେ ୯୯.୩୧ ଓ ଆଇଏସ୍‌ସିରେ ୯୭.୫ ପ୍ରତିଶତ ପାସ୍ ହାର

ରାଉରକେଲା ଅଫିସ,୧୪।୫

### ରାଉରକେଲା ଇସ୍ପାତ ଇଂରାଜୀ ସ୍କୁଲକୁ ସଫଳତା

ଆଇସିଏସ୍‌ଇ ଦଶମ ପରୀକ୍ଷା ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଥିବା ବେଳେ ରାଉରକେଲା ଇସ୍ପାତ ଇଂରାଜୀ ସ୍କୁଲକୁ ସଫଳତା ମିଳିଛି। ଏହି ସ୍କୁଲର ଆଇସିଏସ୍‌ଇ ଦଶମ ପରୀକ୍ଷାରେ ପାସ୍‌ହାର ୯୯.୩୧ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ୯୭.୫ ପ୍ରତିଶତ ରହିଛି। ଆଇସିଏସ୍‌ଇ ପରୀକ୍ଷାରେ ୧୪୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୪୪ଜଣ ପାସ୍ କରିଛନ୍ତି। ସ୍କୁଲର ୨୯ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତ, ୩୪ ଜଣ ୮୦ରୁ ୮୯ ପ୍ରତିଶତ, ୩୩ଜଣ ୭୦ରୁ ୭୯ପ୍ରତିଶତ, ୧୯ଜଣ ୬୦ରୁ ୬୯ପ୍ରତିଶତ ଓ ୧୯ଜଣ ୫୦ରୁ ୫୯ପ୍ରତିଶତ ମାର୍କ ଓ ୧୧ଜଣ ୫୦ ପ୍ରତିଶତରୁ କମ୍ ପ୍ରତିଶତ ମାର୍କ ରଖିଛନ୍ତି। ସ୍କୁଲର ଗୌତମୀ ପାଣିଗ୍ରାହୀ ୪୯୦ ମାର୍କ (୯୮%) ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଆନନ୍ଦିତା ଭୂୟାଁ ମଧ୍ୟ ୯୮ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସତ୍ୟବ୍ରତ ସାହୁ ୯୭ ପ୍ରତିଶତ ଓ ସ୍ୱସ୍ତିକ ସ୍ୱରୂପ ସାହୁ ୯୬.୬ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଆଇଏସ୍‌ସି ପରୀକ୍ଷାରେ ବିଦ୍ୟାଳୟର ୧୨୦ଜଣଙ୍କ ମଧ୍ୟରୁ ୧୧୭ଜଣ (୯୭.୫%) ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସ୍ମୃତିଲେଖା ପଟ୍ଟନାୟକ ୯୮ ପ୍ରତିଶତ ମାର୍କ ହାସଲ କରି ସ୍କୁଲ ଟପ୍ପର ହୋଇନ୍ତି। ଲକ୍ଷ୍ମୀପ୍ରିୟା ପାତ୍ର ୯୬.୨୫, ସାଇ ରାଜୀବ ୯୬, ଏବଂ ସ୍ୱାତୀ ସ୍ୱୀକୃତି ମିଶ୍ର ୯୬ ପ୍ରତିଶତ ମାର୍କ ରଖିଛନ୍ତି।

## ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଦୁଇ ଅନାଥ ଭଉଣୀ

ରାଉରକେଲା ଅଫିସ,୧୪।୫

ରାଉରକେଲା ଓରାମପଡାର ଓରାମପଡାର ଶିବରାମ ସାହୁ (୪୫)। ପରିବାର କହିଲେ ସ୍ତ୍ରୀ ପୁଷ୍ପା, ଦୁଇ ଝିଅ ବନ୍ଦନା(୨୧) ଓ ଅଳି(୧୮)। ୮ବର୍ଷ ତଳେ ପୁଷ୍ପାଙ୍କ ମୃତ୍ୟୁ ହୋଇଗଲା। ମା'ଙ୍କୁ ହରାଇ ଦୁଇ ଭଉଣୀ ବନ୍ଦନା ଓ ଅଳି ବାପାଙ୍କ ଆଶ୍ରାରେ ରହିଲେ। ଗତ ମାର୍ଚ୍ଚ ୬ ତାରିଖରେ ତାଙ୍କ ବାପା ଶିବରାମଙ୍କ ମୃତ୍ୟୁ ହୋଇଗଲା। ଫଳରେ ଏହି ଦୁଇ ଭଉଣୀ ମା' ବାପା ଛେଉଣ୍ଡ ହୋଇପଡିଲେ। ମା'ବାପାଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ସେମାନଙ୍କ ଭାଗ୍ୟରେ ରହିଲାନି। ଏମିତି ଏକ କଠିନ ପରିସ୍ଥିତିରେ ବର୍ତ୍ତମାନ ବନ୍ଦନା ଓ ଅଳି ସମାଜରେ



ଅନାଥ ଦୁଇ ଭଉଣୀ ।

ବଞ୍ଚି ରହିବା ପାଇଁ ସଂଗ୍ରାମ ଚଳାଇଛନ୍ତି। ମା'ବାପା ଚାଲିଯିବା ପରେ ରକ୍ତ ସମ୍ପର୍କୀୟଙ୍କ ପାଖରୁ ଉଭୟଙ୍କୁ ହତାଦର ଛଡା କିଛି ମିଳିଲାନାହିଁ। ଶେଷରେ ବନ୍ଦନା ସାନଭଉଣୀ ଅଳିଙ୍କୁ ଧରି ସେକ୍ଟର-୧୬ ସ୍ଥିତ ଡୁମେରକେଲା ବସ୍ତିରେ ରହୁଥିବା ତାଙ୍କ ମଉସାଙ୍କ ଘରେ ଆଶ୍ରୟ ନେଲେ। ଇତିମଧ୍ୟରେ ବନ୍ଦନା ଗ୍ରାଜୁଏଶନ ପାସ୍ କରିସାରିଥିବା ବେଳେ ଅଳିଙ୍କର ବି ଯୁକ୍ତ୨ ପାଠପଢା ସରିଛି। ବର୍ତ୍ତମାନ ବନ୍ଦନା ହିଁ ଅଳିଙ୍କର ମା' ବାପା, ଭାଇ ବନ୍ଧୁ ସବୁକିଛି। ସେ ଟ୍ୟୁଶନ ପଢାଇ ଉଭୟଙ୍କ ଗୁଜୁରାଣ ମେଣ୍ଟାଉଥିବା ବେଳେ ସମ୍ପର୍କୀୟ ମଉସା ମଧ ଅଭାବ ସମୟରେ ସହଯୋଗ କରୁଛନ୍ତି। ତେବେ ବନ୍ଦନା ଓ ଅଳିଙ୍କ ଏହି ଭାବ, ସମ୍ପର୍କ, ଦାୟିତ୍ୱବୋଧ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି।

## ଜାତୀୟ ଶିବିରରେ ଯୋଗଦାନ ପାଇଁ ଖେଳାଳି ଚୟନ

ସୁନ୍ଦରଗଡ଼,୧୪।୫(ଡି.ଏନ୍.ଏ.)

ସିକିମ ରାଜ୍ୟର ଗ୍ୟାଙ୍ଗଟକଠାରେ ଜୁନ ୧୨ରୁ ୧୮ ଯାଏଁ ହେବାକୁ ଥିବା ଷଷ୍ଠ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିଅନଶିପ୍ ପାଇଁ ରାଜ୍ୟ ବକ୍ସିଂ ଦଳ ଚୟନ କରାଯିବ। ଏହି ପରିପ୍ରେକ୍ଷୀରେ ମେ ୨୧ରେ ରାଜ୍ୟ ଦଳ ଚୟନ ପାଇଁ ରାଉରକେଲା ଇସ୍ପାତ କାରଖାନା ଷ୍ଟାଡିୟମରେ ମହିଳା ଓ ପୁରୁଷ ବକ୍ସିଂ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଯୋଗ ଦେବାପାଇଁ ଜିଲା ସ୍ତରରେ ମେ୧୮ରେ ବିଭିନ୍ନ ଓଜନ ବର୍ଗ ପାଇଁ ଖେଳାଳୀ ଚୟନ କରାଯିବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ପ୍ରାର୍ଥୀ ହେପାଟାଇଟିସ୍ ବି ଓ ସି ଏବଂ ୩ ମାସ ମଧ୍ୟରେ କରାଯାଇଥିବା ଏଚ୍‌ଆଇଭି ପରୀକ୍ଷା ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏଥିହ ଚୟନ ଦିବସର ୭୨ ଘଣ୍ଟା ମଧ୍ୟରେ ଆର୍‌ଟିପିସିଆର୍ ନେଗେଟିଭ ରିପୋର୍ଟ ପ୍ରଦାନ କରିବା ସହିତ ଉପଯୁକ୍ତ କୋଭିଡ ନିୟମାବଳୀ ପାଳନ କରିବାକୁ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କୁହାଯାଇଛି। ଏହି ଚୟନରେ ୨୦୦୫ ଜାନୁଆରୀ ୧ରୁ ୨୦୦୬ ଡିସେମ୍ବର ୩୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଆଶାୟୀ ଖେଳାଳୀ ନିଜ ନାମ ମେ ୧୭ରେ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ପଞ୍ଜୀକରଣ କରାଇନେବାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଓରାଓଁ ଜନଜାତିଙ୍କ ଜ୍ୟେଷ୍ଠ ଯାତ୍ରା ସମ୍ପନ୍ନ



ଓରାଓଁ ଜନଜାତି ମହିଳା ଯାତ୍ରାରେ ସାମିଲ ହୋଇଛନ୍ତି।

ରାଉରକେଲା ଅଫିସ,୧୪।୫

ରାଉରକେଲା ସାରନା ପୂଜାସ୍ଥଳ ପଡିଆରେ ରବିବାର ଓରାଓଁ କଳା ସଂସ୍କୃତିର ଉତ୍ସବ ପବିତ୍ର ଜ୍ୟେଷ୍ଠ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ହଜାର ହଜାର ସାରନା ଧର୍ମାବଲମ୍ବୀ ଆଦିବାସୀ ଓରାଓଁ ଜନଜାତି ଲୋକ ଝଣ୍ଡା, ଢାକ୍, ନାଗଡା ଏବଂ ମାଦଳ ଧରି ଯୋଗ ଦେଇଥିଲେ। ଏ ନେଇ ଅନୁଷ୍ଠିତ ବୈଠକରେ ସାରନା ପ୍ରାର୍ଥନା ସଭା ସଭାପତି ମଣିଲାଲ କେରକେଟା, ସୁଶୀଲ ଲାକ୍ରା, ଧନେଶ୍ୱର ତିର୍କୀ, ଗଜେନ୍ଦ୍ର ଗିଧି, ବୁଢୁ କେରକେଟା, ମୀନା ତିର୍କୀ ପ୍ରମୁଖ ମଞ୍ଚାସୀନ ଥିଲେ। ଓରାଓଁ ନିଜର ଭାଷା, ସଂସ୍କୃତି, ପରମ୍ପରା ଓ କଳା ସାହିତ୍ୟ ଆଧାରିତ ନୃତ୍ୟ ଦ୍ୱାରା ପରିପ୍ରକାଶ ହୋଇଥାଏ। ଜ୍ୟେଷ୍ଠ ମାସର ଜ୍ୟେଷ୍ଠ ଯାତ୍ରାରେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଯୁଦ୍ଧ କଳା ଶୈଳୀ ଓ ଯୁଦ୍ଧ କୌଶଳ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ରୋହତାସଗଡ (ବର୍ତ୍ତମାନ ବିହାରରେ ଅବସ୍ଥିତ) ଓରାଓଁ ଜନଜାତିଙ୍କ ଶାସନ କାଳରେ ଶତ୍ରୁମାନଙ୍କ ବାରମ୍ବାର ଆକ୍ରମଣର ମୁକାବିଲା କରିବାକୁ ଯାଇ ରାଣୀ ସିନ୍‌ଗୀ ଦାଇ, କୁଇଲୀ ଦାଇ ଓ ଚାମ୍ପୁଡ ଦାଇ ପୁରୁଷ ବେଶରେ ଶତ୍ରୁଙ୍କ ସହିତ ଲଢେଇ କରି ତିନିଥର ବିଜୟ ଲାଭ କରିଥିଲେ। ଏଣୁ ଏହି ବିଜୟ ଉତ୍ସକୁ ସ୍ମରଣ କରି ଓରାଓଁମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ନିଜର ଦାମ୍ଭିକ ଓ ଧୈର୍ଯ୍ୟ ସମ୍ପନ୍ନ କୌଶଳାଦି ପ୍ରଦର୍ଶନ କରିଥାନ୍ତି ବୋଲି ସେମାନେ କହିଥିଲେ। ଶେଷରେ ରାମ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଓରାଓଁମାନଙ୍କ ଦ୍ୱାରା ବିଭିନ୍ନ ଯୁଦ୍ଧଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବ୍ୟାସପୀଠ, ନଦୀ ସ୍ୱଚ୍ଛତା ଅଭିଯାନ ଆରମ୍ଭ



ବିକାଶ ମଞ୍ଚ ପକ୍ଷରୁ ନଦୀକୂଳ ସଫେଇ କରାଯାଉଛି।

ରାଉରକେଲା ଅଫିସ,୧୪।୫

୨୦୧୧-୧୨ ମସିହାରେ ଜଳସେଚନ ବିଭାଗ ପକ୍ଷରୁ ୨କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ପାନପୋଷ ଗାନ୍ଧୀ ଛକ ନିକଟ ବ୍ରାହ୍ମଣୀ ନଦୀ କୂଳ ହନୁମାନ ମନ୍ଦିର ଘାଟର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେବେ ଏହି ଘାଟ ବର୍ତ୍ତମାନ ସମୟରେ ଅପରିଷ୍କାର ହୋଇପଡିଛି। ଫଳରେ ବେଦବ୍ୟାସ ପୀଠ ବିକାଶ ମଞ୍ଚ ପକ୍ଷରୁ ବ୍ୟାସକ୍ଷେତ୍ର ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଏହି ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରାଯିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ମଞ୍ଚର କର୍ମକର୍ତ୍ତାମାନେ ରବିବାର ଏହି ସ୍ଥାନକୁ ପୁନଃ ସାଧାରଣ ଲୋକଙ୍କ ବ୍ୟବହାର ଯୋଗ୍ୟ କରିବା ପାଇଁ ସଫେଇ କରିଛନ୍ତି। ପୂର୍ବରୁ ସଙ୍ଗଠନର କର୍ମକର୍ତ୍ତା ରାଉରକେଲା ଏଡିଏମ୍‌ଙ୍କୁ ସାକ୍ଷାତ କରି ସ୍ମାରକପତ୍ର ମାଧ୍ୟମରେ ବ୍ରାହ୍ମଣୀ ନଦୀ ଘାଟକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି। ଆଜିର ସଫେଇ କାର୍ଯ୍ୟକ୍ରମରେ ସଙ୍ଗଠନର ଆବାହକ ବଦ୍ରି ନାରାୟଣ ପାଢ଼ୀ, ଶ୍ୟାମସୁନ୍ଦର ଜେନା, ଅନ୍ତର୍ଯାମୀ ଓଝା, ମଳୟ ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ମିଶ୍ର, ହୃଷୀକେଶ ବଳିଆର ସିଂହ, ସୁରେଶ ସିଂହ, ବିଭୁଦତ୍ତ ବେହେରା, କେଦାରନାଥ ପାଢ଼ୀ, ବିଜୟାନନ୍ଦ ଅଗ୍ରୱାଲ, ବିଭୂତି ଭୂଷଣ ଦାସ ଯୋଗଦାନ କରିଥିଲେ। ସଙ୍ଗଠନର ଯୁଗ୍ମ ଆବାହକ ବିଭୂତି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫ୍ୟାନ୍ ଚାଲୁନି, ଯାତ୍ରୀ ହଇରାଣ

ରାଉରକେଲା ଅଫିସ,୧୪।୫

ରାଉରକେଲା ରେଳଷ୍ଟେଶନ ପ୍ଲାଟଫର୍ମ ନଂ-୩ ଓ ୪ରେ ଫ୍ୟାନ୍ କାମ କରୁନି। ସେହିପରି ୪ନମ୍ବର ପ୍ଲାଟଫର୍ମରେ ୱାଟର ଏଟିଏମ୍ ଦୟନୀୟ ଅବସ୍ଥାରେ ପଡିଛି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସହର ତାପମାତ୍ରା ୪୪ ଡିଗ୍ରୀକୁ ଛୁଇଁଲାଣି। ଏଭଳି ସ୍ଥିତିରେ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏ ନେଇ ରାଉରକେଲା ରେଳଷ୍ଟେଶନ ମ୍ୟାନେଜର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଲେ, ଫ୍ୟାନଗୁଡିକ ଚାଲୁଛି । ଯଦି କିଛି ସମସ୍ୟା ଥିବ ତୁରନ୍ତ ମରାମତି କରାଯିବ। ୪ ନମ୍ବର ପ୍ଲାଟଫର୍ମରେ ୱାଟର ଏଟିଏମ୍‌କୁ ନେଇ କୋର୍ଟରେ ମାମଲା ରହିଛି ବୋଲି ଦାଶ କହିଥିଲେ।

## 'ଅନୁକମ୍ପାରେ ଝାରସୁଗୁଡ଼ା ଉପନିର୍ବାଚନ ବିଜୟ'

ରାଉରକେଲା ଅଫିସ,୧୪।୫

ଝାରସୁଗୁଡା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ ରେକର୍ଡ ବିଜୟ ହାସଲ କରିଛନ୍ତି। ତେବେ ବିଜେଡିର ଏହି ବିଜୟକୁ ଅନୁକମ୍ପାମୂଳକ କହିଛନ୍ତି ଭାଜପା ଏବଂ କଂଗ୍ରେସ। ଏହି ବିଜୟ ୨୦୨୪ ନିର୍ବାଚନରେ କୌଣସି ପ୍ରକାର ପ୍ରଭାବ ପକାଇବ ନାହିଁ ବୋଲି ଉଭୟ ଦଳ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଜେଡି ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛି। ଓଡିଶାର ଅପ୍ରତିଦ୍ୱନ୍ଦ୍ୱୀ ନେତା ନବୀନ ଓ ତାଙ୍କ ପଛରେ ଓଡିଶାବାସୀ ସର୍ବଦା ରହିଥିବା ନିର୍ବାଚନ ଫଳାଫଳ ପ୍ରମାଣିତ କରିଛି। ସମଗ୍ର ରାଜ୍ୟରେ ନବୀନଙ୍କ ଲୋକପ୍ରିୟତା ରହିଥିବା ଝାରସୁଗୁଡା ଉପନିର୍ବାଚନ ସାବ୍ୟସ୍ତ କରିଛି ବୋଲି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି।

ଅନ୍ୟପଟେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ କହିଛନ୍ତି, ୨୦୨୪ ନିର୍ବାଚନରେ ଝାରସୁଗୁଡା ଉପନିର୍ବାଚନ ପ୍ରଭାବ ସୁନ୍ଦରଗଡ, ରାଉରକେଲା ଜିଲା ଅଧୀନ ନିର୍ବାଚନ ମଣ୍ଡଳୀଗୁଡିକରେ ପଡିବ ନାହିଁ। ବିଜୟୀ ପ୍ରାର୍ଥିନୀ ଦୀପାଳି କିଛି କାମ କରି ବିପୁଳ ଭୋଟ ପାଇନାହାନ୍ତି। ସେ

### ୨୦୨୪ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି

ତାଙ୍କ ବାପାଙ୍କୁ ଯେଉଁ ପ୍ରକାର ହତ୍ୟା କରାଗଲା ତାର ଅନୁକମ୍ପା ଭୋଟ ପାଇଛନ୍ତି। ଏନସିବି ରେକର୍ଡ ମୁତାବକ ମହଳା ଅତ୍ୟାଚାର, ଦୁର୍ନୀତି, ଗରିବ ସଂଖ୍ୟାରେ ଓଡିଶା ପ୍ରଥମ। ରାଜ୍ୟରେ ୨୫ବର୍ଷ ବିଜେଡି ଶାସନ କାଳରେ ଏସବୁରେ କୌଣସି ପରିବର୍ତ୍ତନ ନ ହେବା ମୁଦ୍ଦାକୁ ନେଇ ଆମେ ଆସନ୍ତା ୨୦୨୪ ନିର୍ବାଚନରେ ଲୋକଙ୍କ ପାଖକୁ ଯିବୁ। ରାଉରକେଲା ମହାନଗର ନିଗମ ଘୋଷଣାର ୧୦ବର୍ଷ ପୂର୍ତ୍ତି ପରେ ବି କାଉନସିଲର ନିର୍ବାଚନ ହେଉନି। ଲୋକ ପ୍ରତିନିଧି ଅଭାବରୁ ସ୍ମାର୍ଟସିଟି ସରକାରୀ ଅନୁଦାନକୁ ଅଫିସର ହରିଲୁଟ୍ କରୁଛନ୍ତି। କେବଳ ରାଉରକେଲା ନୁହେଁ ପଶ୍ଚିମ ଓଡିଶା ପ୍ରତି ରାଜ୍ୟ ସରକାରଙ୍କ କୌଣସି ଦରଦ ନାହିଁ। ଡିଏମ୍‌ଏଫ୍ ତଥା ସ୍ମାର୍ଟସିଟି ଫଣ୍ଡ ସବୁ କେନ୍ଦ୍ର ସରକାର ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ଏହାର ବାହାବା ନେଇ ପ୍ରଶଂସା ଗୋଟାଇବାଟା ଆଗାମୀ ନିର୍ବାଚନରେ ଅନ୍ୟ ଏକ ପ୍ରମୁଖ ମୁଦ୍ଦା ରହିବ ବୋଲି ପଟ୍ଟନାୟକ କହିଥିଲେ।

ରାଉରକେଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ କହିଛନ୍ତି, ଝାରସୁଗୁଡା ଉପନିର୍ବାଚନ ଜନାଦେଶକୁ ଆମ ଦଳ ସମ୍ମାନ ଜଣାଉଛି। ଝାରସୁଗୁଡା ଉପନିର୍ବାଚନର ଫଳାଫଳ ଆଗାମୀ ୨୦୨୪ ନିର୍ବାଚନରେ ପ୍ରଭାବ ପକାଇବ ନାହିଁ। ଉପନିର୍ବାଚନରେ ବିଜେଡିର ବିଜୟ କେବଳ ଅନୁକମ୍ପା ଆଧାରରେ ହୋଇଛି। ଆସନ୍ତା ୨୦୨୪ ନିର୍ବାଚନ ପାଇଁ କଂଗ୍ରେସ ଏବେଠୁ ତୃଣମୂଳସ୍ତରରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ଓ ଭାଜପାକୁ ଘେରିବା ପାଇଁ ରଣନୀତି ଆରମ୍ଭ କରିଛି। କେନ୍ଦ୍ରରେ ଭାଜପା ଶାସନ କାଳରେ ସୁନ୍ଦରଗଡ଼ ଜିଲାରେ ନିଯୁକ୍ତି ହ୍ରାସ, ବେକାରୀ, ଦରଦାମ ବୃଦ୍ଧି, ମହିଳା ସୁରକ୍ଷା ଆଦି ପ୍ରସଙ୍ଗକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବ। ସେହିପରି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ବିଫଳତା, ବିଭିନ୍ନ ଯୋଜନା ନାଁରେ ଲୋକଙ୍କୁ ଭୁଆଁ ବୁଲାଇବା ଆଦି ପ୍ରସଙ୍ଗକୁ ନେଇ ମଇଦାନକୁ ଓହ୍ଲାଇବ। କର୍ଣ୍ଣାଟକ ଭୋଟର ଭାଜପାକୁ ଯେଭଳି ପରାଜୟର ସ୍ୱାଦ ଚଖାଇଛନ୍ତି, ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲାରେ ବିଜେଡି ଏବଂ ଭାଜପାକୁ ଭୋଟରମାନେ ସେଭଳି ଅସଲ ସ୍ୱାଦ ଚଖାଇବେ ବୋଲି ବିହାରୀ କହିଥିଲେ।

## ଜିଲାସ୍ତରୀୟ ଝରିଆ ଗୌଡ଼ ସମ୍ମିଳନୀ

ବଡ଼ଗାଁ,୧୪।୫( ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଝରିଆ ଗୌଡ଼ ସମାଜର ଜିଲା ସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ସୁରେଶ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସମ୍ପାଦକ ଟିକେଶ୍ୱର ଭଇସାଲ, ଜିଲା ଉପ ସଭାପତି ସୁମନ୍ତ ପୁଝାରି, ବଡ଼ଗାଁ ବ୍ଲକ ସଭାପତି ନିଧିବନ ପରୁଆ, ସବଡେଗା ବ୍ଲକ ସଭାପତି ଅମିର ପୁଝାରି, ସଦର ବ୍ଲକ ସଭାପତି ରାସବିହାରି ଷଣ୍ଢ, ବାଲିଶଙ୍କରା ବ୍ଲକ ସଭାପତି ହୃଦାନନ୍ଦ କଉଡ଼ି, ସମ୍ପାଦକ ହେମଲତା କର୍ସେଲ, ସୁଗ୍ରୀବ ବାଗ, ହେମଗିରି ବ୍ଲକ ସଭାପତି ଦିନାନାଥ ପରୁଆଙ୍କ ସହ କର୍ମକର୍ତ୍ତା ମିତ୍ରଭାନୁ ଖିଲାରି, ନରେନ୍ଦ୍ର ଭଇସାଲ, ରବୀନ୍ଦ୍ର କଉଡ଼ି, ସୀତାରାମ ଖିଚିଡ, ରାଜେନ୍ଦ୍ର କୁମାର ଗୌଡ଼, ହୃଦାନନ୍ଦ କଉଡି, ସୁନିଲ ଭଇସାଲ ଯୋଗଦେଇଥିଲେ। ସମାଜ କର୍ମକର୍ତ୍ତା ସମାଜର ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ବର୍ଜନ, ସମାଜର ଆର୍ଥିକ ସ୍ଥିତି ସୁଦୃଢ, ଏକତା, ଜାତି ସଂଗଠନ ଉପରେ ଆଲୋଚନା କରିଥିଲେ। ଅନ୍ଧବିଶ୍ୱାସ ଓ କୁ ସଂସ୍କାର, ବାଲ୍ୟ ବିବାହ ଉପରେ



ଝରିଆ ଗୌଡ଼ ସମ୍ମିଳନୀରେ ଉପସ୍ଥିତ ଅତିଥି।

ସଚେତନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଲୋକଙ୍କ ବ୍ୟକ୍ତିଗତ ହେଉ ବା ସାମୁହିକ ସମସ୍ୟା, ବିବାଦ ଦେଖାଦେଲେ ସମାଜ ଗାଦିରେ ଉପସ୍ଥାପନ କରି ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଝରିଆ ଗୌଡ଼ଙ୍କ ଐତିହ୍ୟ ଓ ପରମ୍ପରା ବଜାୟ ରଖିବାକୁ ସମାଜର ବୟୋଜ୍ୟେଷ୍ଠ କର୍ମକର୍ତ୍ତା ବୁଝାଇଥିଲେ। ଝରୀଆ ଗୌଡ଼ ସମାଜର ଲୋକେ ପଛୁଆ ବର୍ଗର ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ ହୋଇନଥିବାରୁ ବିଭିନ୍ନ ଯୋଜନା ର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଉପରେ ଆଲୋଚନା କରାଯାଇ ସଂରକ୍ଷଣ ଦାବି ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ବିବାହ, ମୃତକଙ୍କ ଶ୍ରାଦ୍ଧ କର୍ମରେ ନିଶା ସେବନ କଲେ ଅନୁଶାସନ ଅନୁଯାୟୀ ୩ ବର୍ଷ ପର୍ଯ୍ୟନ୍ତ ସାମାଜିକ କଟକଣା ଲାଗୁ କରାଯିବ ଏବଂ ଅର୍ଥ ଦଣ୍ଡ ଦିଆଯିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ପଞ୍ଚାୟତ ସ୍ତରରୁ ସମାଜ ସଂଗଠନକୁ ଦୃଢ଼ କରିବା ଉପରେ କର୍ମକର୍ତ୍ତା ମତ ଉପସ୍ଥାପନ କରିଥିଲେ। ସମାଜର ବଡ଼ଗାଁ ବ୍ଲକ ଉପଦେଷ୍ଟା କେଶବ କର୍ଶେଲ ସଭା ପରିଚାଳନା କରିଥିଲାବେଳେ ସଭାପତି ତ୍ରିତିଆ ମନାନୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଏମ୍. ରାମପୁରରେ ମାଓବାଦୀ ପୋଷ୍ଟର



ଭବାନୀପାଟଣା,୧୪।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ଟାପରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ୩ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡିଏସପି ଅତୁଲ ଦାଶ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ରବିବାର ସକାଳୁ ଏମ୍. ରାମପୁର ଥାନା ଡମ୍ବକରଲାଖୁଣ୍ଟା, ମାଣିକେରା ଆଦି ପଞ୍ଚାୟତ ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। କେକେବିଏନ୍ ଡିଭିଜିନାଲ କମିଟି ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି। ଏଥିରେ ପୋଲିସ ଇନ୍‌ଫର୍ମର କାମ କରନ୍ତୁ ନାହିଁ, ପୋଲିସ ଓ ଗୋଇନ୍ଦା ଅଫିସର ଭୟର ଚାପ ଓ ପ୍ରଲୋଭନରେ ପଡନ୍ତୁ ନାହିଁ। ଗାଁ ଗାଁରେ ଥିବା ପୋଲିସ ସୂଚନାଦାତାଙ୍କୁ ଚିହ୍ନଟ କରି ମାଓବାଦୀ ପାର୍ଟିକୁ ସୂଚନା ଦିଅନ୍ତୁ, ପାର୍ଟି ବିରୋଧ ଓ ପୋଲିସକୁ ସୂଚନା ଦେବା ପାଇଁ କହୁଥିବା ବ୍ୟକ୍ତିଙ୍କୁ ବିରୋଧ କରିବା ପାଇଁ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଣି ଭୟର ବାତାବରଣ ଦେଖାଦେଇଛି।

### ରାସ୍ତା ମଝିରେ ଗର୍ତ୍ତ, ଯାତାୟାତରେ ବାଧା



ଖଡ଼ିଆଲ,୧୪।୫(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ଏନ୍‌ଏସିର ୱାର୍ଡ ନମ୍ବର ୮ ରଜାପଡା ରକ୍ତାମ୍ବରୀ ମନ୍ଦିର ରାସ୍ତା ମଝିରେ ଦୀର୍ଘ ଦିନ ହେବ ଏକ ଭର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ବାଧା ହେଉଛି। ଏହି ରାସ୍ତା ସହର ମଧ୍ୟରେ ଥିବାରୁ ସବୁବେଳେ ବ୍ୟସ୍ତ ରହୁଛି। ଫଳରେ ରାସ୍ତାର ଗର୍ତ୍ତରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଏହା ପୂର୍ବରୁ ଅନେକ ଥର ଗର୍ତ୍ତ ସୃଷ୍ଟି ହୋଇଛି। ହେଲେ ସ୍ଥାନୀୟ ଲୋକେ ଭଙ୍ଗା ଇଟା ପଥର ଦେଇ ପୋତିଦେଇଥିବା ବେଳେ ବର୍ତ୍ତମାନ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ମଝିରେ ଗର୍ତ୍ତ ଯୋଗୁ ଭାରି ଜାନ ବହୁତ କଷ୍ଟରେ ଯିବା ଆସିବା କରୁଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଠିକ କରିବାକୁ ଦାବି ହେଉଛି।

# ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ଦାବିପତ୍ର

## ଜୋନାଲସ୍ତରୀୟ କାର୍ଯ୍ୟକାରୀ ବୈଠକ

ନୂଆପଡ଼ା ଅଫିସ,୧୪।୫




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡା ସଦର ବ୍ଲକ ଖରିଆର ରୋଡସ୍ଥିତ ଗଣପତି ପ୍ୟାଲେସରେ ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର ଜୋନାଲସ୍ତରୀୟ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ ଉର୍ଦ୍ଧ୍ୱ ହେବ ନିରନ୍ତର ସେବା କରି ଆସୁଥିବା ବେଳେ ନିୟମିତ କରିବା ପାଇଁ ରବିବାର ସ୍ୱାସ୍ଥ୍ୟ ଠିକା କର୍ମଚାରୀ ପକ୍ଷରୁ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ନୂଆପଡା ବରିଷ୍ଠ କାର୍ଯ୍ୟ କାରିଣୀ ସଦସ୍ୟ ଦୀଲିପ ଦୁବେଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସଭାପତି ରବିନ୍ଦ୍ର କୁମାର ଜେନା, ଓଡିଶା ଠିକା କର୍ମଚାରୀ ମହାସଂଘ ସଭାପତି କବି ପ୍ରସାଦ ସାହୁ, ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବଲାଙ୍ଗୀର ସଭାପତି ପ୍ରବୀର ମେହେର, ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ କଳାହାଣ୍ଡି ସଭାପତି ପ୍ରଶାନ୍ତ କୁମାର ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବୈଠକରେ ନୂଆପଡା ଜିଲା ସମେତ କଳାହାଣ୍ଡି, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ସଦର ଚିକିତ୍ସାଳୟ ଓ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଆୟୁଷ ଡାକ୍ତର, ଦାନ୍ତ ଡାକ୍ତର, ଫର୍ମାସିଷ୍ଟ, ଷ୍ଟାଫନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଜନସ୍ୱାସ୍ଥ୍ୟ ଅର୍ଥ ପରିଚାଳକ, ଜନସ୍ୱାସ୍ଥ୍ୟ ତଥ୍ୟ ପରିଚାଳକ, ଜନ ସ୍ୱାସ୍ଥ୍ୟଗୋଷ୍ଠୀ ସେବା ପରିଚାଳକ, ଶିଶୁ ସ୍ୱାସ୍ଥ୍ୟ ପରିଚାଳକ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ପରିଚାଳକ, ଅଫିସ ସହାୟକ, ପିଅନ, ଡ୍ରାଇଭର ୧୦ ହଜାର କର୍ମଚାରୀଙ୍କ ପ୍ରାୟ ୧୭ ବର୍ଷରୁ ଉର୍ଦ୍ଧ୍ୱ ହେବ ନିରନ୍ତର ସେବା ଯୋଗାଇ ଆସୁଥିଲେ ମଧ୍ୟ ନିୟମିତ ନ ହେବାରୁ ମନ୍ତ୍ରୀ ଢୋଲକିଆଙ୍କୁ ସ୍ୱାସ୍ଥ୍ୟ ଠିକା କର୍ମଚାରୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ନୂଆପଡା ଜିଲା ସମ୍ପାଦକ ଦିବ୍ୟ ରଞ୍ଜନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ମହାସଂଘ ଜିଲା ସଭାପତି ଶୈକ ୱାସିମ ରାଜା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହେମନ୍ତ କୁମାର ଯୋଶୀ, ଯୋଡାନ ଜୁଲିଆସ ବାଗ, ଇପସିତା ହୋତା, ସନ୍ତୋଷ ସାହୁ, କମଳ ନିଶାଙ୍କ, ଶ୍ରୀକାନ୍ତ ଆଚାର୍ଯ୍ୟ, ଶରତ ବେଜୋ, ରତ୍ନମଣୀ ଭୋଇ, ଦେବି ପ୍ରସାଦ ମିଶ୍ର, ରାଞ୍ଜନ ରଶ୍ମୀ ମହାନ୍ତି, ଚନ୍ଦନ ହୋତା ପ୍ରମୁଖ ସହଯୋଗ କରିଛନ୍ତି।

# ମିଶନ ଶକ୍ତିରୁ ହେଲେ ସ୍ୱାବଲମ୍ବୀ

## କଳାହାଣ୍ଡିରୁ ଦୁବାଇ ଯିବେ ବିଜୟା ଲକ୍ଷ୍ମୀ

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରୁ ଦୁବାଇ ଯିବେ ମିଶନ ଶକ୍ତିର ଜିଲା ସଭାନେତ୍ରୀ ବିଜୟାଲକ୍ଷ୍ମୀ ପାଢ଼ୀ। ପ୍ରଥମ କରି ଓଡ଼ିଶାରୁ ଦୁବାଇକୁ ସିଧାସଳଖ ବିମାନ ସେବାର ଆରମ୍ଭ କରାଯାଇଥିବା ବେଳେ ଏଥିରେ ଦୁବାଇ ଯାତ୍ରା କରିବାକୁ ଓଡ଼ିଶାର ୧୦ଜଣ ମିଶନ ଶକ୍ତିର ଜିଲା ସଭାନେତ୍ରୀଙ୍କୁ ସୁଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି କ୍ରମରେ କଳାହାଣ୍ଡି ଜିଲା କେସିଙ୍ଗାର ବିଜୟାଲକ୍ଷ୍ମୀ ପାଢ଼ୀଙ୍କୁ ଦୁବାଇ ଯିବାକୁ ମୁଖ୍ୟମନ୍ତ୍ରୀ ମନୋନୀତ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଜୟାଲକ୍ଷ୍ମୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜୟା ଲକ୍ଷ୍ମୀ ପ୍ରଥମେ ଜଣେ ଗୃହିଣୀ ଥିଲେ। ମିଶନ ଶକ୍ତି ମାଧ୍ୟମରେ ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦୁବାଇରେ ସେ ସେଠାରେ ବିଭିନ୍ନ ଗୁଣାତ୍ମକ ଶିକ୍ଷା ଲାଭ କରିବେ। କଣ୍ଟୁପଡାଠାରେ ଥିବା ବିଷ୍ଣୁପ୍ରିୟା ଏସ୍‌ଏଚ୍‌ଜି ଗ୍ରୁପ ଆରମ୍ଭ କରି ସେଠାରେ ସେ ବଡି, ପାମ୍ପଡ଼, କପା, ଧାନ ମଞ୍ଜି ବିକ୍ରୀ କରୁଛନ୍ତି। ଏପରି କି ଜିଲା ତଥା ଜିଲା ବାହାରେ ଆୟୋଜନ ହେଉଥିବା ପ୍ରଦର୍ଶନ ମେଳାରେ ମଧ୍ୟ ତାଙ୍କର ଗୋଷ୍ଠୀ ଜିଲା ପକ୍ଷରୁ ପ୍ରତିନିଧି କରିଥାନ୍ତି। ଦୁବାଇ ଯିବାକୁ ସୁଯୋଗ ମିଳିଥିବାରୁ ସେ ଓ ତାଙ୍କ ପରିବାର ଖୁସି ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ମା'ମାନଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ଏହା ସମ୍ଭବପର ହୋଇପାରିଛି ବୋଲି ବିଜୟା ଲକ୍ଷ୍ମୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ବିଜୟା ଲକ୍ଷ୍ମୀଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଉଛନ୍ତି।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ

## ଜିଲା ମିଳିତ ଅମଲା ମଞ୍ଚର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)



ଗୁରୁତ୍ୱପୂର୍ଣ୍ଣ ବୈଠକରେ ମିଳିତ ଅମଲା ମଞ୍ଚର କର୍ମକର୍ତ୍ତା।

ଭବାନୀପାଟଣା ଅମଲା ଭବନ ପରିସରରେ ରବିବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ କଳାହାଣ୍ଡି ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁଣ୍ଡଙ୍କ ସଭାପତିତ୍ୱ ତଥା ଆଶୁତୋଷ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଅମଲାମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅମଲା ସଂଘ କଳାହାଣ୍ଡି ଜିଲା ସଭାପତି ସୁକାନ୍ତ ମହାପାତ୍ର, ଟ୍ରେଜେରୀ ଅମଲା ସଂଘ ସଭାପତି ସମରେନ୍ଦ୍ର ପଣ୍ଡା ଓ ସ୍ୱାସ୍ଥ୍ୟ ବିଭାଗରୁ ବ୍ରଜବନ୍ଧୁ ମୁଣ୍ଡ ମଞ୍ଚାସିନ ଥିଲେ। କନିଷ୍ଠ ସହାୟକମାନଙ୍କ ମୂଳ ଦରମା ଲେଭେଲ-୯ ଗ୍ରେଡ ପେ-୪୨୦୦ କରିବା ପାଇଁ ସରକାରଙ୍କୁ ଚାପ ପକାଇବା ନିମନ୍ତେ ମତପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତୀୟ ଚରମ ଦାବିପତ୍ର ଗତ ମେ ୧ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଯାହାର ନକଲ କଳାହାଣ୍ଡି ଜିଲାପାଳ ତଥା ପ୍ରତ୍ୟେକ କାର୍ଯ୍ୟାଳୟ ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଆଗାମୀ ୨୧ ତାରିଖ ସୁଦ୍ଧା ସରକାର ଅମଲାମାନଙ୍କ ଦାବି ଉପରେ ସକାରାତ୍ମକ ନିଷ୍ପତି ନ ନେଲେ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପରିଧାନ ତଥା ଜୁନ ୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ଓ କାର୍ଯ୍ୟ ବନ୍ଦ ନିମନ୍ତେ ନିଷ୍ପତି ନିଆଯାଇଛି। ବୈଠକରେ ଜିଲାର ସମସ୍ତ ବ୍ଲକ ନିମନ୍ତେ ଅଧ୍ୟକ୍ଷ ଓ ଆବାହକ ଚୟନ କରାଯାଇଥିଲା। ଉପସ୍ଥିତ ଅମଲାମାନଙ୍କ ମଧ୍ୟରୁ ରାଜକିଶୋର ସାହୁ, ଟଙ୍କଧର ସାହୁ, ମନୋରଞ୍ଜନ ଛତ୍ରପାଳ ପ୍ରମୁଖ ମତାମତ ରଖିଥିଲେ। ସୁଶାନ୍ତ ମେହେର ଧନ୍ୟବାଦ ଦେଇଥିଲେ।

# ଆଜି ୭ ଜିଲାରେ ମାଓବାଦୀଙ୍କ ବନ୍ଦ ଡାକରା

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଏମ୍.ରାମପୁର ଟାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ମାଓବାଦୀ କମାଣ୍ଡର ଲଳିତଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ପ୍ରତିବାଦ କରିଛି ସିପିଆଇ ମାଓବାଦୀ ସଙ୍ଗଠନ। ଏହାର ଦୃଢ଼ ଜବାବ ଦେବାକୁ ମାଓବାଦୀ ସଙ୍ଗଠନ ଏକ ଅଡିଓ ଟେପ୍ ଜାରି କରିବା ସହ ଆସନ୍ତା ୧୫ରେ ୭ ଜିଲାରେ ବନ୍ଦ ପାଳନ କରିବାକୁ ଆହ୍ୱାନ ଦେଇଛି। ସିପିଆଇ (ମାଓବାଦୀ) ସଙ୍ଗଠନର ପ୍ରବକ୍ତା ଚକରା ବିଷୋୟୀ ବୋଲି ନିଜକୁ ପରିଚୟ ଦେଇ ୨ଟି ଅଡିଓ ଟେପ୍ ଜାରି କରିଛନ୍ତି। ଗୋଟିଏ ଅଡିଓରେ ଗତ ୯ରେ କଳାହାଣ୍ଡି ପୋଲିସ ଏମ୍.ରାମପୁର ବ୍ଲକ୍ ଅନ୍ତର୍ଗତ ଟାପରଙ୍ଗ ଜଙ୍ଗଲରେ ମିଥ୍ୟା ଏନକାଉଣ୍ଟର କରିଥିବା ସଙ୍ଗଠନ ଅଭିଯୋଗ କରିଛି। ମାଓବାଦୀ ପାର୍ଟି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ପରିଚୟ ପ୍ରଦାନ କରିଛନ୍ତି। ମୃତକ ହେଲେ କେକେବିଏନ୍ ଡିଭିଜନ ବାଘୁନା ଏରିଆ କମିଟି କମାଣ୍ଡର କମରେଡ୍ ଲଳିତ। ତାଙ୍କ ଘର ଛତିଶଗଡ଼ ବିଜାପୁର ଜିଲା ରାମପୁର ଗ୍ରାମରେ। ଅନ୍ୟ ଜଣେ ସେକ୍ସନ କମାଣ୍ଡର ବଞ୍ଜାମ ଜିତୁ, ସେ ଛତିଶଗଡ଼ ରାଜ୍ୟ ସୁକୁମା ଜିଲା ଇଲାକାମୁଡୁକୁ ଅଞ୍ଚଳର। ତୃତୀୟ ଜଣକ ଲକ୍ଷ୍ମଣ ମାର୍କମ ଓରଫ ସଞ୍ଜୀବ। ସେ ସୁକୁମା ଜିଲାର ପାର୍ଟି ସଦସ୍ୟ ଥିଲେ। ଅନ୍ୟ ଏକ ଅଡିଓ ଟେପରେ ଆସନ୍ତା ୧୫ରେ ୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଗଜପତି ଓ ନୟାଗଡ଼ ଆଦି ୭ ଜିଲାରେ ବନ୍ଦ ପାଳନ କରିବାକୁ ଅଡିଓ ଟେପରେ ଆହ୍ୱାନ ଦିଆଯାଇଛି।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କେସିଙ୍ଗା,୧୪।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମରେଠାରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ବାଲସି ମଣ୍ଡଳ ନବନିର୍ବାଚିତ ସଭାପତି ମନୋହର ସାହୁଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ସଭାପତି ନୀଳମଣି ସାହୁ, ସମ୍ପାଦକ ନବୀନ କିଶୋର ସାହୁ ଯୋଗଦେଇଥିଲେ। ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ଜିଲା ସଭାପତି ନୀଳମଣି ସାହୁ ନବ ନିର୍ବାଚିତ ସଭାପତି ମନୋହର ସାହୁଙ୍କୁ ବାଲସି ମଣ୍ଡଳର ସମସ୍ତ କାର୍ଯ୍ୟକ୍ରମ ତୁଲାଇବାକୁ ଦାୟିତ୍ୱ ଦିଆଯାଇଛି। ଜିଲାରେ ବାଲସି ମଣ୍ଡଳ ଏକ ନମ୍ବର ବୋଲି ଘୋଷଣା କରିଥିଲେ। ସାହୁ ସମାଜରେ ନିଶା ନିବାରଣ, ସମାଜର ଉନ୍ନତି, ବିବାହ କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ଯୋଗାଇବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ନବୀକରଣ, ୫ଜଣିଆ କମିଟି ଗଠନ କରାଯାଇ ବିବାହ କାର୍ଯ୍ୟକ୍ରମରେ ନୀତିନିୟମ ଦୃଷ୍ଟି ରଖି ବିବାହ କରାଇବା, ଯୌତୁକ ଦାବି ନ କରିବା ଓ ଗ୍ରାମ୍ୟ କମିଟି ସଭାପତି ଏବଂ ସମ୍ପାଦକ ସମାଜର ନୀତିନିୟମ ଅନୁସାରେ ବିବାହ କାର୍ଯ୍ୟକ୍ରମ ସୁଚାରୁ ରୂପେ ତୁଲାଇବା ଏବଂ ଆସନ୍ତା ଜୁନରେ ଧର୍ମଗଡ଼ ସବଡିଭିଜନରେ ୨ଦିନିଆ ମହାସଭାରେ ଯୋଗଦାନ ଦେବା ପାଇଁ କର୍ମକର୍ତ୍ତାମାନଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କମିଟି କାର୍ଜି କିଶନ ସାହୁ, ବିରଞ୍ଚି ସାହୁ, ଜିଲା ଉପ ସଭାପତି ଯୁବରାଜ ସାହୁ, ଯୁଗ୍ମ ସମ୍ପାଦକ ସୁଲପାଣି ସାହୁ, କୋଷାଧ୍ୟକ୍ଷ ଶେଷଦେ ସାହୁ, ବାଲସି ଗ୍ରାମ୍ୟ କମିଟି ସଭାପତି ନକୁଳ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ନର୍ଲା ବ୍ଲକ ସଭାପତି ରବୀନ୍ଦ୍ର ସାହୁ ୩ଦଫା ଦାବିପତ୍ର ଜିଲା ସଭାପତିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବାଲସି ମଣ୍ଡଳ ସମ୍ପାଦକ ଅଶ୍ୱିନି କୁମାର ସାହୁ ଓ ଲିଙ୍ଗରାଜ ସାହୁ ସଭା ପରିଚାଳନା କରିଥିଲେ। ବାଲସି ମଣ୍ଡଳର ସଭ୍ୟ ତୁମେଶ୍ୱର ସାହୁ, ହେମନ୍ତ ସାହୁ, କୈବଲ୍ୟ ସାହୁ, ବନବିହାରି ସାହୁ, ଲୀଳା ସାଗର ସାହୁ ପ୍ରମୁଖ ଉପସ୍ଥିତ ହୋଇ ଥିଲେ। ଜିଲା ସଭାପତି ନୀଳମଣି ସାହୁ ଧନ୍ୟବାଦ ଦେଇଥିଲେ।

# ଲାଞ୍ଜିଗଡ଼ରେ ପୁଣି ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ଫେଲ୍

ଲାଞ୍ଜିଗଡ,୧୪।୫(ଡି.ଏନ.ଏ.)



କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପୁଣି ଥରେ ୫ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ଫେଲ। ଗତ ଏପ୍ରିଲରେ ୯ ଦିନ ନେଟୱର୍କ ନ ଥିଲା। ଏହି ମାସରେ ପୁଣି ଆଜକୁ ୫ ଦିନ ହେଲାଣି ଲାଞ୍ଜିଗଡ ଏବଂ ଏହାର ଆଖପାଖ ଅଞ୍ଚଳରେ ନେଟୱକ ନାହିଁ। ଫଳରେ ଲୋକଙ୍କ ଯୋଗାଯୋଗରେ ବିଚ୍ଛିନ୍ନ ଘଟିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲାର ଲାଞ୍ଜିଗଡ ଅଞ୍ଚଳ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅନେକ ଲୋକ ବିଭିନ୍ନ ପ୍ରକାର ସିମ ବ୍ୟବହାର କରିଥାନ୍ତି, ସେ ମଧ୍ୟରୁ ବିଏସ୍‌ଏନ୍‌ଏଲ ସିମ ଅନ୍ୟତମ। ବିଏସ୍‌ଏନ୍‌ଏଲ୍ ଏକ ପୁରୁଣା ଟେଲିକମ ହୋଇଥିବା ବେଳେ ଲୋକେ ଏହି ସିମକୁ ବହୁଳ ବ୍ୟବହାର କରିଥାନ୍ତି। ଏମିତିକି ଅଫିସରେ ମଧ୍ୟ ଅଧିକତ ବିଏସ୍‌ଏନ୍‌ଏଲ୍ ନେଟ ବ୍ୟବହାର ହୋଇଥାଏ। ହେଲେ ବର୍ତ୍ତମାନ ଲୋକଙ୍କ ଆସ୍ଥା ହରାଉଛି। ଲୋକଙ୍କୁ ଠିକରେ ସେବା ଯୋଗାଇ ପାରୁନାହିଁ। ଅଧିକାଂଶ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଏସ୍‌ଏନ୍‌ଏଲ୍ ନମ୍ବର ଜଡିତ ଥିବାରୁ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାନ୍ସକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। ଅନ୍ୟ ନେଟୱର୍କ ତୁଳନାରେ ବିଏସ୍‌ଏନ୍‌ଏଲ୍ ପ୍ରତି ମାସରେ ୫ଦିନ ୬ ଦିନ ନେଟୱର୍କ ଉଭାନ ହେଇଯାଏ। ୫ ଦିନ ହେଲା ନେଟ କାମ ହୋଇପାରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି। ନେଟୱର୍କ ନ ଥିବାରୁ ଦୁର୍ଗମ ଅଞ୍ଚଳରେ ରୋଗୀ ସେବା ପାଇଁ ଆମ୍ବୁଲାନ୍ସ ଦରକାର ପଡିଲେ ବହୁତ ଅସୁବିଧା ଭୋଗୁଛନ୍ତି। ଲାଞ୍ଜିଗଡ ଅଞ୍ଚଳବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ। ସେଥିପାଇଁ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ଆଞ୍ଚଳିକ ଯୁବ ଯାଦବ ସମିତିର ବୈଠକ

କୋକସରା,୧୪।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ରବିବାର ଲଡୁଗାଁ ଆଞ୍ଚଳିକ ଯୁବ ଯାଦବ ସମିତିର ଏକ ସମାବେଶ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଧନେଶ୍ୱର ଭାଟିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ ଯୁବ ଯାଦବ ସଭାପତି ଶରତ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଯୋଗଦେଇ ଶିକ୍ଷା ବିନା ସମାଜର ଉନ୍ନତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ କୋକସରା ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୁଖ୍ୟବକ୍ତା ଭାବେ ବ୍ଲକ ଯାଦବ ମହାସଭା ଯୋଗଦେଇ ଯୁବକ ବିନା ସମାଜ ତିଷ୍ଠିବା ଅସମ୍ଭବ, ତେଣୁ ଯୁବକମାନେ ସମାଜ ପାଇଁ ସଦା ସର୍ବଦା ଆଗଭର ହେବା ପାଇଁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ଧର୍ମଗଡ଼ ଉପଖଣ୍ଡ ଯାଦବ ସମ୍ପାଦକ ଡମ୍ବରୁଧର ଖର୍ସେଲ, ବ୍ଲକ ଯାଦବ ସଭାପତି ବିନୋଦ ରାଉତ, ସହ ସମ୍ପାଦକ ଧନସିଂ ବାଗ, ଜିଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ଜିଲା ଯୁବ ଯାଦବ ସମ୍ପାଦକ ହିମାଞ୍ଚଳ ରାଉତ, ଲଡୁଗାଁ ଅଞ୍ଚଳିକ ଯାଦବ ଉପସଭାପତି ଶଙ୍କର ବାରିକ, କାର୍ଯ୍ୟକାରୀ ସଭାପତି ରୁଷ୍ୟଶୃଙ୍ଗ ଜାଲ, କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସମିତି ସମ୍ପାଦକ ହିରଣ୍ୟ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ସମାଜର ଅବହେଳିତ ଓ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ରାଜନୈତିକ, ଓବିସି ସଂଗ୍ରକ୍ଷଣ ବ୍ୟବସ୍ଥା ଓ ବର୍ତ୍ତମାନ ଚାଲିଥିବା ଓବିସି ସର୍ଭେ ବିଷୟରେ ଆଲୋଚନା ହୋଇଥିଲା। ରାଷ୍ଟ୍ରୀୟ ଓବିସି ଜାତି ଆଧାରିତ ଜନଗଣନା ପାଇଁ ଦାବି ଉଠିଥିଲା। ସମାବେଶରେ ଫକୀର ମୋହନ ହଂସ, ମଧୁ ସୁଦନ ଚଣ୍ଡୀ, ମକରନ୍ଦ ହଂସ, ଈଶ୍ୱର ହଂସ, ଭଗବାନ ହଂସ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଞ୍ଚଳିକ ଯାଦବ ସମାଜ କର୍ମକର୍ତ୍ତା ଯୋଗଦେଇଥିଲେ। ମଞ୍ଚ ଲଡୁଗାଁ ଆଞ୍ଚଳିକ ଯୁବ ଯାଦବର ସମ୍ପାଦକ ଯୋଗୀନ୍ଦ୍ର ହଂସ ଓ ସୁଧୀର କୁମାର ନାଗ ପରିଚାଳନା କରିଥିଲେ। ଅନୀଲ ରାଉତ, ଅଶ୍ୱିନୀ ରାଉତ, କିଶୋର ନାଗ ସହଯୋଗ କରିଥିଲେ। ଗିରିଧାରୀ ଯୁଏଡ ଧନ୍ୟବାଦ ଦେଇଥିଲେ।




ବୈଠକରେ ଧର୍ମଗଡ଼ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

# ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜର ସାଙ୍ଗଠନିକ ସମାବେଶ

## ସମାଜର ଅତୀତ, ବର୍ତ୍ତମାନ, ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା

କୋକସରା,୧୪।୫(ଡି.ଏନ.ଏ.)




ବୈଠକରେ ଯୋଗଦେଇଥିବା ବ୍ରାହ୍ମଣ ସମାଜ ବୃନ୍ଦ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିଠାରେ ରବିବାର ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜର ସାଙ୍ଗଠନିକ ସମାବେଶ ଆମପାଣି ଆଞ୍ଚଳିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାର ଆରମ୍ଭରେ ବୈଦିକ ରୀତିରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ତ୍ରିନାଥ ଠାକୁରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ବ୍ରାହ୍ମଣ ସମାଜ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଜିଲା ସାଙ୍ଗଠନିକ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ହେମନ୍ତ କୁମାର ପଣ୍ଡା, ଉପସଭାପତି ବିନୋଦ କୁମାର ଶର୍ମା, ଉମେଶ ଚନ୍ଦ୍ର ପଣ୍ଡା, ପ୍ରଭାକର ବେହେରା, ରାଧେଶ୍ୟାମ ଠାକୁର, ମଣିଭଦ୍ର ପଣ୍ଡା ଯୋଗଦେଇଥିଲେ। ବ୍ରାହ୍ମଣ ସମାଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଛି। ବ୍ରାହ୍ମଣ ସମାଜକୁ ତୃଣମୂଳସ୍ତରରେ ସଙ୍ଗଠିତ ହୋଇ ସାଙ୍ଗଠନିକ ଶକ୍ତି ବୃଦ୍ଧି ସହ ସାମାଜିକ ସଂହତି, ପରିସ୍କୃତ ପରମ୍ପରା, ଲୌକିକତା ଓ ସୋହାର୍ଦ୍ଦକୁ ଉଦୀପ୍ତ କରିବା, ନାରୀଶକ୍ତିକୁ ଜାଗ୍ରତ କରିବା, ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ଆଗକୁ ବଢିବା, ସମାଜର ଗରିବ ଶ୍ରେଣୀର ପରିବାରର ଭିତ୍ତିଭୂମି ସୁଦୃଢ଼ କରିବା ବିଷୟରେ ଆଲୋଚନା କରିବା ସହ ବ୍ରାହ୍ମଣ ସମାଜକୁ ସମସ୍ତ କ୍ଷେତ୍ରରେ ବିକାଶ ପାଇଁ ପର୍ଶୁରାମ ବାହିନୀ ଓ ପ୍ରଜ୍ଞା ବାହିନୀ ଗଠନ କରାଯାଇଛି। ବ୍ଲକ ବ୍ରାହ୍ମଣ ସମାଜର ସଙ୍ଗଠନ ସଭାପତି ଭାବେ ଶ୍ରୀମନ୍ତ କୁମାର ପାଢୀ, ଉପସଭାପତି ଦାଶରଥି ବେହେରା, ସୁରେଶ ଶର୍ମା, ରଜନୀକାନ୍ତ ପଣ୍ଡା, ସମ୍ପାଦକ ସଞ୍ଜୀୟ କୁମାର ପଣ୍ଡା, ଧନେଶ୍ୱର ମୁଣ୍ଡ, ସହସମ୍ପାଦକ ଧନଞ୍ଜୟ ମୁଣ୍ଡ, କୋଷାଧ୍ୟକ୍ଷ ବିଘ୍ନେଶ୍ୱର ପୁରୋହିତ, ମିଡ଼ିଆ ସେଲ ପ୍ରଭାରୀ ଦୁଷ୍ମନ୍ତ ପାଟଯୋଷୀଙ୍କୁ ମନୋନୀତ କରାଯାଇଛି। ସେହିପରି ପର୍ଶୁରାମ ସେନାର ସଭାପତି ଭାବେ ଗୋଦାବରୀଶ ପାତ୍ର, ଉପସଭାପତି ରାଜୁ ଶର୍ମା, ଗଣେଶ ନନ୍ଦ, ରଞ୍ଜିତ ଖମାରି, ମନୋରଞ୍ଜନ ପୁରୋହିତ, ସମ୍ପାଦକ ଈଶ୍ୱର ପ୍ରସାଦ ଅଗସ୍ତି, ସହ ସମ୍ପାଦକ ଲଳିତ ମିଶ୍ର, ନାରାୟଣ ଠାକୁର, ଆଶିଷ ପଣ୍ଡା, କୋଷାଧ୍ୟକ୍ଷ କୁନାଲ କୁମାର ଯୋଷୀଙ୍କୁ ମନୋନୀତ କରାଯାଇଛି। ନାରୀଶକ୍ତିକୁ ଜାଗ୍ରତ କରିବା ପାଇଁ ପ୍ରଜ୍ଞା ବାହିନୀ ପାଇଁ ସଭାନେତ୍ରୀ ମନ୍ତିନୀ ପଣ୍ଡା, ଉପସଭାନେତ୍ରୀ ରୋଜିତା ପାଢ଼ୀ, ହେମବନ୍ତି ପାଣିଗ୍ରାହୀ, ସମ୍ପାଦିକା ବିଷ୍ଣୁପ୍ରିୟା ଠାକୁର, ରଶ୍ମିତା ପୁରୋହିତ, କୋଷାଧ୍ୟକ୍ଷା ଜ୍ୟୋତିର୍ମୟୀ ପୁରୋହିତଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଶ୍ରୀମନ୍ତ କୁମାର ପାଢୀ ଓ ସୂର୍ଯ୍ୟ ପ୍ରସାଦ ଠାକୁର କରିଥିବା ବେଳେ ଜିତେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ବ୍ଲକର ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

## ସଂକ୍ଷେପରେ

### ୬ କୁଇଣ୍ଟାଲ ୬୦କେଜି ଗଞ୍ଜେଇ ଜବତ




କଣ୍ଟାମାଲ,୧୪।୫(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଲ ପୋଲିସ ରବିବାର ଖଲିଆପାଲି ଜଙ୍ଗଲରେ ଚଢ଼ାଉ କରି ୬ କୁଇଣ୍ଟାଲ ୬୦କେଜି ଗଞ୍ଜେଇ ଜବତ କରିଛି। ସୂଚନା ଅନୁସାରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଏସ୍‌ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟାମାଲ ଥାନା ଅଧିକାରୀ ନଳିନୀକାନ୍ତ ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଖଲିଆପାଲି ନିକଟ ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚୋରା ବେପାରୀମାନେ ଗାଡ଼ିରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ସେଠାରୁ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ କଣ୍ଟାମାଲ ଥାନାରେ ୯୧/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି।

### ଗଙ୍ଗାଧର ଗୁରୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ପଦ୍ମପୁର, ୧୪।୫(ଡି.ଏନ.ଏ.): ପ୍ରଜ୍ଞା ପୁରୁଷ ଡ. ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦ ସଭାପତି ଡ. ପ୍ରମୋଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଶୋକ ବହିଦାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଳନ ପାଇଁ ବିଶଦ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ, ଉପସଭାପତି ସଞ୍ଜୟ ବହିଦାର, ସମାଜସେବୀ ନିରୋଜ ଦୋରା, ରାଜେନ୍ଦ୍ର ମହାନ୍ତି, ଡ. ସରୋଜ ନାଏକ, ଅଧ୍ୟାପିକା ରୀତାଞ୍ଜଳି ଗୁରୁ, ପ୍ରାଧ୍ୟାପକ ବିଦ୍ୟାଧର ଦାଶ, ମୋହନ ବନଛୋର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ ସମ୍ପାଦକ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଆଞ୍ଚଳିକ ଶୁଣ୍ଡି ସମାଜର ସାଧାରଣ ବୈଠକ

ବାଉଁଶୁଣୀ,୧୪।୫(ଡି.ଏନ୍.ଏ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ଗ୍ରାମରେ ଆଞ୍ଚଳିକ ଶୁଣ୍ଡି ସମାଜର ଏକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭୋଲାଗିରି ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଥମେ ଇଷ୍ଟଦେବୀ ସୁବର୍ଣ୍ଣଗ୍ରାହୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ଶିକ୍ଷା,ସ୍ୱାସ୍ଥ୍ୟ, କୃଷି ସମନ୍ୱୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ଝିଅ ପୁଅଙ୍କ ପାଠପଢ଼ା ପ୍ରତି ଯତ୍ନବାନ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ଚଳିତ ମାସ ୨୦ ଓ ୨୧ରେ ପୁରୀରେ ହେବାକୁ ଥିବା ସମାଜର ରାଜ୍ୟ ସ୍ତରୀୟ ମହାସଭା ବିଷୟରେ ଆଲୋଚନା ହୋଇଛି।

# ପାଇପ ଫାଟିଛି, ମରାମତି ହେଉନି

ଡୁଙ୍ଗୁରିପାଲି ୧୪।୫ (ଡି.ଏନ.ଏ. )



ପାଇପ ଫାଟି ପାଣି ଜମା ହୋଇ ରହିଛି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ହରିଜନ ପଡାବାସୀ ଏବେ ପାଇପ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଇପ ଫାଟି ଯାଇଥିବାରୁ ଏହି ସମସ୍ୟା ଦେଖାଦେଇଛି। ଦୀର୍ଘଦିନ ହେବ ଏହାର ମରାମତି ନ ହେବାରୁ ଏବେ ପରିସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି। ଗ୍ରୀଷ୍ମ ପ୍ରବାହ ମଧରେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି ୨ଓ୍ୱାର୍ଡ ବିଶିଷ୍ଟ ପଡାର ଲୋକେ। ଅଙ୍ଗନଦୀରୁ ଦିଗଶିରା ଗ୍ରାମକୁ ଜଳଯୋଗାଣ ହେଉଛି । ପଡାରେ ନଳକୂପ ନ ଥିବାରୁ ଲୋକେ ଅଙ୍ଗନଦୀରୁ ଆସିଥିବା ପାଇପ ପାଣି ଉପରେ ନିର୍ଭର କରିଥାନ୍ତି। ହେଲେ ଜଳ ଯୋଗାଣ ପାଇପ ପଞ୍ଚାୟତ ଅଫିସ ରାସ୍ତା ନିକଟରେ ଫାଟି ଅଯଥାରେ ଭାସି ଯାଉଛି। ଏ ନେଇ ପଡାବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳି ନାହିଁ । ଅବିଳମ୍ବେ ଫାଟି ଥିବା ପାଇପକୁ ମରାମତି କରା ନ ଗଲେ ପଡ଼ାବାସୀ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରଞ୍ଜନ କୁମାର ପଟେଲଙ୍କୁ ପଚାରିବାରୁ ଗାଁକୁ ଯାଇ ସ୍ଥିତି ଦେଖିଲା ପରେ ମରାମତି କରାଯିବ ବୋଲି କହିଛନ୍ତି ।

**ପ୍ରକଳ୍ପ ପାଣି ପାଇବାରେ ଲୋକେ ହଟହଟା**

# ପୂର୍ବତନ ମନ୍ତ୍ରୀ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ଜୟନ୍ତୀ ପାଳନ

ପଦ୍ମପୁର,୧୪।୫(ଡି.ଏନ.ଏ.)

ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ବୋଡ଼ାସମ୍ବର ଜମିଦାର ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ୧୦୩ତମ ଜୟନ୍ତୀ ପଦ୍ମପୁର ସରକାରୀ ଡାକ୍ତରଖାନା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ବରିହାଙ୍କ ପୁତ୍ର ପ୍ରତାପ କେଶରୀ ସିଂ ବରିହା, ସୁରେନ୍ଦ୍ର ସିଂ ବରିହା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅତିଥିଗଣ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଜୟନ୍ତୀ ସଭାରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଜତ ସାହୁ, ଡାକ୍ତର ମାନଭଞ୍ଜନ ପଣ୍ଡା, ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତେନ୍ଦୁ ନାଏକ, ଆଡଭୋକେଟ୍ ଗଜାନନ ବାରିକ, ରାଧାବଲ୍ଲଭ ପାଣିଗ୍ରାହୀ, ସନ୍ତୋଷ ଶତପଥୀ, ସୁନୀଲ ଦାଶ, ଭାସ୍କର ଦାଶ, ବାସୁଦେବ ଦାସ, ଅତ୍ରାହି ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉପଖଣ୍ଡ ଡାକ୍ତରଖାନା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।



ଅତିଥିଗଣ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଧୁମଧାମରେ ହେବ ଶୀତଳ ଷଷ୍ଠୀ ଯାତ୍ରା



ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟମାନେ ସୂଚନା ଦେଉଛନ୍ତି।

ପଦ୍ମପୁର,୧୪।୫(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଶୀତଳ ଷଷ୍ଠୀ ମହୋତ୍ସବ କମିଟି ତରଫରୁ ରବିବାର ସଭାପତି ହରିଶଙ୍କର ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଚ୍ୟୁତାନନ୍ଦ ସେଠ ମହୋତ୍ସବ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଆସନ୍ତା ୨୨ତାରିଖରେ ପତରପେଣ୍ଡି, ୨୩ରେ ରୁଦ୍ର ମହାଯଜ୍ଞ, ୨୪ରେ ବରାନୁଗମନ ଓ ବିବାହ ପାଣି ଗ୍ରହଣ ଏବଂ ୨୫ତାରିଖରେ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିବ। ଏଥିରେ ବହୁ ସାଂସ୍କୃତିକ ଦଳ ଯୋଗ ଦେବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ସେହିପରି ୨୪ ଓ ୨୫ତାରିଖରେ ସ୍ଥାନୀୟ ଗୋରୁ ବଜାର ପରିସରରେ ସାମୂହିକ ଅନ୍ନଭୋଗ ବ୍ୟବସ୍ଥା କରାଯିବ। ଏହି ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପିଇବା ପାଣି ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ବରପିତା ଜିତେନ୍ଦ୍ର ଦାଶ, କନ୍ୟାପିତା ଆଶିଷ କୁମାର ବଂଶଲ, ଉପଦେଷ୍ଟା ଅଜିତ ପାତ୍ର, କମିଟି ତରଫରୁ ନିକାଶ ନାଏକ, ସଞ୍ଜୀବ ସାହୁ, ଆକାଶ ସାହୁ, ପ୍ରକାଶ ସାହୁ, ହରି ଭୋଇ, କୁନୁ ସେଠ, ନରେଶ ଦାସ, ଅଖିଳ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ୭ ଜିଲାରେ ମାଓବାଦୀଙ୍କ ବନ୍ଦ ଡାକରା

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ମାଓବାଦୀ କମାଣ୍ଡର ଲଳିତଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ପ୍ରତିବାଦ କରିଛି ସିପିଆଇ ମାଓବାଦୀ ସଙ୍ଗଠନ। ଏହାର ଦୃଢ଼ ଜବାବ ଦେବାକୁ ମାଓବାଦୀ ସଙ୍ଗଠନ ଏକ ଅଡିଓ ଟେପ୍ ଜାରି କରିବା ସହ ଆସନ୍ତା ୧୫ରେ ୭ ଜିଲାରେ ବନ୍ଦ ପାଳନ କରିବାକୁ ଆହ୍ୱାନ ଦେଇଛି। ସିପିଆଇ (ମାଓବାଦୀ) ସଙ୍ଗଠନର ପ୍ରବକ୍ତା ଚକରା ବିଷୋୟୀ ବୋଲି ନିଜକୁ ପରିଚୟ ଦେଇ ୨ଟି ଅଡିଓ ଟେପ୍ ଜାରି କରିଛନ୍ତି। ଗୋଟିଏ ଅଡିଓରେ ଗତ ୯ରେ କଳାହାଣ୍ଡି ପୋଲିସ ଏମ୍.ରାମପୁର ବ୍ଲକ୍ ଅନ୍ତର୍ଗତ ତାପରଙ୍ଗ ଜଙ୍ଗଲରେ ମିଥ୍ୟା ଏନକାଉଣ୍ଟର କରିଥିବା ସଙ୍ଗଠନ ଅଭିଯୋଗ କରିଛି। ମାଓବାଦୀ ପାର୍ଟି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ପରିଚୟ ପ୍ରଦାନ କରିଛନ୍ତି। ମୃତକ ହେଲେ କେକେବିଏନ୍ ଡିଭିଜନ ବାଘୁନା ଏରିଆ କମିଟି କମାଣ୍ଡର କମରେଡ୍ ଲଳିତ। ତାଙ୍କ ଘର ଛତିଶଗଡ଼ ବିଜାପୁର ଜିଲା ରାମପୁର ଗ୍ରାମରେ। ଅନ୍ୟ ଜଣେ ସେକ୍ସନ କମାଣ୍ଡର ବଞ୍ଜମ ଜିତୁ, ସେ ଛତିଶଗଡ଼ ରାଜ୍ୟ ସୁକୁମା ଜିଲା ଇଲାକାମୁଡୁକୁ ଅଞ୍ଚଳର। ତୃତୀୟ ଜଣକ ଲକ୍ଷ୍ମଣ ମାର୍କମ ଓରଫ ସଞ୍ଜୀବ। ସେ ସୁକୁମା ଜିଲାର ପାର୍ଟି ସଦସ୍ୟ ଥିଲେ। ଅନ୍ୟ ଏକ ଅଡିଓ ଟେପରେ ଆସନ୍ତା ୧୫ରେ ୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଗଜପତି ଓ ନୟାଗଡ଼ ଆଦି ୭ ଜିଲାରେ ବନ୍ଦ ପାଳନ କରିବାକୁ ଅଡିଓ ଟେପରେ ଆହ୍ୱାନ ଦିଆଯାଇଛି।

# ପୋଲିସ କର୍ମଚାରୀ କଲେ ରକ୍ତଦାନ

ବରଗଡ଼ ଅଫିସ୍, ୧୪।୫

ବରଗଡ଼ ଟାଉନ ଥାନା ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୋଲିସ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନେ ୫୪ ୟୁନିଟ ରକ୍ତଦାନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ପି.ଏସ ମୀନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ଓ ଟାଉନ ଥାନାଧିକାରୀ ସତ୍ୟଜିତ କଣ୍ଡାନକେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଟାଉନ ଥାନା ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ବରଗଡ଼ ରକ୍ତ ଭଣ୍ଡାରର ଅଧିକାରୀ ଡାକ୍ତର ସୁଶାନ୍ତ କୁମାର କର, ଅମରଜିତ ମହାନ୍ତି, ଭୁବନେଶ୍ୱର ସାହୁ, ବିଜୟ କୁମାର ଖଟେଇ ପ୍ରମୁଖ ସହଯୋଗ କରିଥିଲେ।



ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିର।

# ଭୈରବୀ ମହୋତ୍ସବ ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ।

ପୁରୁଣାକଟକ, ୧୪।୫(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମଠାରେ ମା' ଭୈରବୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଅଶୋକ କୁମାର ଅଗ୍ରୱାଲ ଓ ସମ୍ପାଦକ ଭାବେ ସ୍ଥାନୀୟ ସରପଞ୍ଚ ଅଶୋକ କୁମର ସେଠୀଙ୍କୁ ଚୟନ କରାଯାଇଥିଲା। ସେହିପରି କମିଟି ଉପ ସଭାପତି ଭାବେ ପୁରୁଣାକଟକ ସମିତି ସଭ୍ୟ ସରୋଜ ପ୍ରଧାନ, ସହ ସମ୍ପାଦକ ସୁବାସ ପ୍ରଧାନ, କୋଷାଧ୍ୟକ୍ଷ ମନୋଜ ସାହୁ, ସାଂଗଠନିକ ସମ୍ପାଦକ ପ୍ରାଣବନ୍ଧୁ ସାହୁ, ମହୋତ୍ସବ ଆବାହକ ବିଭୁଦତ୍ତ ବୋଷଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଅକ୍ରୁର ସେଠୀ, ନିହାର ଘୋଷ, ସତୀଶ ବେହେରା, କୈଳାସ ଅଗ୍ରୱାଲା ମନୋନୀତ ହୋଇଛନ୍ତି। ମହୋତ୍ସବର ସାଂସ୍କୃତିକ ବିଭାଗର ସମ୍ପାଦକ ଶୁଭର୍ଜିତ ପ୍ରଧାନ, ଖାଦ୍ୟ ବିଭାଗର ସମ୍ପାଦକ ଅଜିତ ଦେହୁରି, ଷ୍ଟେଜ ଓ ମିନବଜାର ସମ୍ପାଦକ ସୁକାନ୍ତ ପଟ୍ଟନାୟକ, ସ୍ମରଣିକା ସମ୍ପାଦକ ଅଧ୍ୟାପକ ପ୍ରମୋଦ ମହାପାତ୍ର, ଷ୍ଟଲ ସମ୍ପାଦକ ସୁକାନ୍ତ ଦାସ, ମିଡ଼ିଆ ସମ୍ପାଦକ ଭାବେ ଭାଗବତ ମେହେର, ହିମାଂଶୁ ଶେଖର ସାହୁ, ଧିରେନ ପ୍ରଧାନ ମନୋନୀତ ହୋଇଛନ୍ତି। ମହୋତ୍ସବର କାର୍ଯ୍ୟକାରୀ କମିଟିରେ ଅମୂଲ୍ୟ ମିଶ୍ର, ସଜନ ଅଗ୍ରୱାଲ, ମନୋଜ ପାଢ଼ୀ, ବିକାଶ ମିଶ୍ର, ଚିତ୍ତ ରଞ୍ଜନ ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରିଣୀଆଁଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଭୈରବୀ ମହୋତ୍ସବ କିପରି ସରସ ସୁନ୍ଦର ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ସାଙ୍ଗଠନିକ ସମ୍ପାଦକ ପ୍ରଣାବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କମିଟିର ନୂତନ କର୍ମକର୍ତ୍ତା ଚୟନ**

## ରାସ୍ତା ମଝିରେ ଗର୍ତ୍ତ, ଯାତାୟାତରେ ବାଧା

ଖଡ଼ିଆଳ,୧୪।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଏନ୍‌ଏସିର ୱାର୍ଡ ନମ୍ବର ୮ ରଜାପଡା ରକ୍ତାମ୍ବରୀ ମନ୍ଦିର ରାସ୍ତା ମଝିରେ ଦୀର୍ଘ ଦିନ ହେବ ଏକ ଭର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ବାଧା ହେଉଛି। ଏହି ରାସ୍ତା ସହର ମଧରେ ଥିବାରୁ ସବୁବେଳେ ବ୍ୟସ୍ତ ରହୁଛି। ଫଳରେ ରାସ୍ତାର ଗର୍ତ୍ତରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଏହା ପୂର୍ବରୁ ଅନେକ ଥର ଗର୍ତ୍ତ ସୃଷ୍ଟି ହୋଇଛି। ହେଲେ ସ୍ଥାନୀୟ ଲୋକେ ଭଙ୍ଗା ଇଟା ପଥର ଦେଇ ପୋତିଦେଇଥିବା ବେଳେ ବର୍ତ୍ତମାନ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି।

# ମିଶନ ଶକ୍ତିରୁ ହେଲେ ସ୍ୱାବଲମ୍ବୀ

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)

**କଳାହାଣ୍ଡିରୁ ଦୁବାଇ ଯିବେ ବିଜୟା ଲକ୍ଷ୍ମୀ**

କଳାହାଣ୍ଡି ଜିଲାରୁ ଦୁବାଇ ଯିବେ ମିଶନ ଶକ୍ତିର ଜିଲା ସଭାନେତ୍ରୀ ବିଜୟାଲକ୍ଷ୍ମୀ ପାଢ଼ୀ। ପ୍ରଥମ କରି ଓଡ଼ିଶାରୁ ଦୁବାଇକୁ ସିଧାସଳଖ ବିମାନ ସେବାର ଆରମ୍ଭ କରାଯାଇଥିବା ବେଳେ ଏଥିରେ ଦୁବାଇ ଯାତ୍ରା କରିବାକୁ ଓଡ଼ିଶାର ୧୦ଜଣ ମିଶନ ଶକ୍ତିର ଜିଲା ସଭାନେତ୍ରୀଙ୍କୁ ସୁଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି କ୍ରମରେ କଳାହାଣ୍ଡି ଜିଲା କେସିଙ୍ଗାର ବିଜୟାଲକ୍ଷ୍ମୀ ପାଢ଼ୀଙ୍କୁ ଦୁବାଇ ଯିବାକୁ ମୁଖ୍ୟମନ୍ତ୍ରୀ ମନୋନୀତ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଜୟାଲକ୍ଷ୍ମୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜୟା ଲକ୍ଷ୍ମୀ ପ୍ରଥମେ ଜଣେ ଗୃହିଣୀ ଥିଲେ। ମିଶନ ଶକ୍ତି ମାଧ୍ୟମରେ ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦୁବାଇରେ ସେ ସେଠାରେ ବିଭିନ୍ନ ଗୁଣାତ୍ମକ ଶିକ୍ଷା ଲାଭ କରିବେ। କଣ୍ଡୁପଡାଠାରେ ଥିବା ବିଷ୍ଣୁପ୍ରିୟା ଏସ୍‌ଏଚ୍‌ଜି ଗ୍ରୁପ ଆରମ୍ଭ କରି ସେଠାରେ ସେ ବଡି, ପାମ୍ପଡ଼, କପା, ଧାନ ମଞ୍ଜି ବିକ୍ରୀ କରୁଛନ୍ତି। ଏପରି କି ଜିଲା ତଥା ଜିଲା ବାହାରେ ଆୟୋଜନ ହେଉଥିବା ପ୍ରଦର୍ଶନ ମେଳାରେ ମଧ ତାଙ୍କର ଗୋଷ୍ଠୀ ଜିଲା ପକ୍ଷରୁ ପ୍ରତିନିଧି କରିଥାନ୍ତି। ଦୁବାଇ ଯିବାକୁ ସୁଯୋଗ ମିଳିଥିବାରୁ ସେ ଓ ତାଙ୍କ ପରିବାର ଖୁସି ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ମା'ମାନଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ଏହା ସମ୍ଭବପର ହୋଇପାରିଛି ବୋଲି ବିଜୟା ଲକ୍ଷ୍ମୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ସିବିଏସ୍‌ଇ ପରୀକ୍ଷା: ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ସଫଳତା

ବରପାଲି,୧୪।୫(ଡି.ଏନ.ଏ.)



ପ୍ରିୟାଂଶୁ ପଣ୍ଡା



ସଗୁନ ଅଗ୍ରୱାଲ।

ସିବିଏସ୍‌ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପ୍ରିୟାଂଶୁ ପଣ୍ଡା, ରାଜକୁମାର ଅଗ୍ରୱାଲ, ସାଇପ୍ରାପ୍ତି ପଣ୍ଡା ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୧୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୨୦ ଜଣ ଏବଂ ୮୦ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୩୩ଜଣ ଉତ୍ତୀର୍ଣ୍ଣ ହେବା ସହ ପାସ୍‌ହାର ଶତ ପ୍ରତିଶତ ମିଳିଛି। ଦ୍ୱାଦଶ ଶ୍ରେଣୀରେ ପ୍ରିୟାଂଶୁ ପଣ୍ଡା ସର୍ବୋଚ୍ଚ ୮୭.୮ ପ୍ରତିଶତ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ଦଶମ ଶ୍ରେଣୀରୁ ସଗୁନ ଅଗ୍ରୱାଲ ୯୬.୪ ପ୍ରତିଶତ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସ୍ମଶୀଲ କୁମାର ରଥ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତା ଓ ଅଞ୍ଚଳର ଶିକ୍ଷାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୫-ଟିରେ ସାମିଲ ହେଲା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବରଗଡ଼ ଅଫିସ, ୧୪।୫



ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ସରକାରଙ୍କ ୫-ଟି ଅନ୍ତର୍ଗତ ଆମ ଚିକିତ୍ସାଳୟ ଯୋଜନାରେ ସାମିଲ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାର ୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି । ସହର ମଧ୍ୟରେ ରହିଥିବା ଏହି ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ପୁନରୁଦ୍ଧାର ଆବଶ୍ୟକତାକୁ ଉପଲବ୍ଧି କରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆମ ଚିକିତ୍ସାଳୟ ଯୋଜନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରିଛି। ଏହି ଅବସରରେ ରବିବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଚାରୁବାଳା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି , ଉପାଧ୍ୟକ୍ଷ ରାଜେଶ ଆଗ୍ରୱାଲଙ୍କ ସମେତ ସମେତ ସମସ୍ତ କାଉନସିଲର ଏବଂ ଡାକ୍ତର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୋ ଚିକିତ୍ସାଳୟ ଯୋଜନାରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ ହୋଇଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ ହେବ ଏବଂ ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବରଗଡ ବିଧାୟକ ଦେଶେ ଆଚାର୍ଯ୍ୟ ପରିପ୍ରକାଶ କହିଛନ୍ତି।

## ସଂକ୍ଷେପରେ

### ସମ୍ବଲପୁରୀ ଭାଷାର ପ୍ରସାର ପାଇଁ ମିଳିତ ଉଦ୍ୟମ ଆବଶ୍ୟକ

ସମ୍ବଲପୁର,୧୪।୫(ବ୍ୟୁରୋ): କଲମ ପରିବାର ସମ୍ବଲପୁର ପକ୍ଷରୁ ଜିଲା ସାମ୍ବାଦିକ ଭବନରେ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି କବିତା ରଚନା ଓ ଆବୃତ୍ତି ଶୈଳୀ ନେଇ କର୍ମଶାଳା, ସ୍ୱତନ୍ତ୍ର ଭାବେ ସମ୍ବଲପୁରୀ ବହି ହାଟ ଆରମ୍ଭ କରିବା, ସାହିତ୍ୟ ସାଧନା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରସ୍ତାବ ପାରିତ ହୋଇଛି। ସମ୍ବଲପୁରୀ ଭାଷାର ପ୍ରସାର ପାଇଁ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କାହ୍ନୁକେଶବ ବହିଦାର, ଲଳିତ ମୋହନ ବେବର୍ତ୍ତା, କମଲ ଲୋଚନ ପଣ୍ଡା, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଦେବେନ ପଟେଲ, ନିତ୍ୟାନନ୍ଦ ଖମାରୀ, ସବିତା ମିଶ୍ର, ତ୍ରିଲୋଚନ ତ୍ରିପାଠୀ, ପ୍ରଦୀପ କୁମାର ଯୋଶୀ, ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବଲପୁରୀ ଭାଷାର ବିକାଶ ନେଇ ମତବ୍ୟକ୍ତ କରିବା ସହ କବିତା ଆବୃତ୍ତି କରିଥିଲେ। ଆବାହକ ତଫିଜୁଲ ହୋସେନ ପ୍ରାରମ୍ଭିକ ସୂଚନା ଦେଇଥିଲେ। କବିତା ଆସରକୁ ଅଜୟ ନାଥ ସଂଯୋଜନା କରିଥିଲେ।

### ଫଟାଟାଙ୍ଗରଠାରେ ବିକାଶ ଯୋଜନା କାର୍ଯ୍ୟକ୍ରମ

କୁଚିଣ୍ଡା,୧୪।୫(ଡି.ଏନ.ଏ.): ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମରେ ରବିବାର ଲୋକ ସଂଗଠନ ପକ୍ଷରୁ ବିକାଶ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସାମାଜିକ ସେବା ସଂସ୍ଥା ସହଯୋଗରେ ଆଞ୍ଚଳିକ ଲୋକ ସଂଗଠନ ସଭାପତି ଦିନବନ୍ଧୁ ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ବଲପୁର ସାମାଜିକ ସେବା ସଂସ୍ଥାର ପ୍ରୋଜେକ୍ଟ କୋଅର୍ଡିନେଟର ସିଦ୍ଧେଶ୍ୱର କାଣ୍ଡିଆ, ପ୍ରୋଜେକ୍ଟ ପରିଚାଳକ ସିଷ୍ଟର ବିର୍ଜିନା କେରକେଟା, ଏଏନ୍ଏମ୍ ଜ୍ୟୋତ୍ସ୍ନାମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଗ୍ରାମ ବିକାଶ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମାବାସୀଙ୍କ ଜମି ଉନ୍ନତୀକରଣ, ଛେଳି ଓ ଗାଈ ଗୁହାଳ ନିର୍ମାଣ, କୁକୁଡା ଚାଷ ସହ ଗୋଷ୍ଠୀ ସମସ୍ୟା ଯଥା ଗାଧୋଇବା ପାଇଁ ପାଣି ସମସ୍ୟା, ପୋଖରୀ ଖନନ, ନଳକୂଅ ଖନନ, ରାସ୍ତା ଘାଟ ଓ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏସ୍ଏଚ୍ଜି ସଦସ୍ୟାଙ୍କ ଆତ୍ମ ନିର୍ଭରଶୀଳ ନିମନ୍ତେ ଖଲିଦନା ତିଆରି ପାଇଁ ମେଶିନ ଯୋଗାଇ ଦେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଶିବଲାଲ ବାଘ, ମୋରିସ ଦୁଙ୍ଗଡୁଙ୍ଗ, ଜଗବନ୍ଧୁ କିଷାନ, କୁମାରୀ କିଷାନ, ବୀରେନ କିଷାନ, ଶିବଲାଲ କିଷାନ ଓ ଆଶାକର୍ମୀ ସ୍ୱର୍ଣ୍ଣ ଲୁହା ପ୍ରମୁଖ ସହଯୋଗ କରିଥିଲେ।

# ସାଇଫନ୍‌ରେ ଟଳିଗଲା ଅଘଟଣ, ବର୍ତ୍ତିଲେ ୬ ଯୁବକ

**ପୋଲିସ, ଅଗ୍ନିଶମ ବିଭାଗର ତ୍ୱରିତ ପଦକ୍ଷେପ**

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଓ ଅଗ୍ନିଶମ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁ ରବିବାର ସନ୍ଧ୍ୟାରେ ସାଇଫନ୍ ଟାପୁରେ ଫସିରହିଥିବା ୬ଜଣ ଯୁବକଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି । ଉଦ୍ଧାର ଯୁବକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାବେଳେ ପୋଲିସ ସେମାନଙ୍କୁ ପରିବାରକୁ ହସ୍ତାନ୍ତର କରିଛି। ସେମାନେ ହେଲେ କାନିଜୁରୀର ଆଶିଷ ଦାସ (୩୧), ବିଜୟ ବାଗ (୨୦), ଦୁଃଖନାଶନ ସୁତ (୩୦), ରେମେଡର ରାଜ ସୁନା (୧୯), ବାଦଲ ବାଗ (୩୦) ଓ ଅନୀଳ ବାଗ । ବୁର୍ଲା ଥାନା ଅଧିକାରୀ ସୁଶାନ୍ତ ଦାସଙ୍କ କହିବା ଅନୁସାରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ପୋଲିସ କଣ୍ଟ୍ରୋଲରୁମକୁ ଏକ ଫୋନ ଆସିଥିଲା। ସାଇଫନରେ ୬ଜଣ



ସାଇଫନରୁ ଉଦ୍ଧାର ହୋଇଥିବା ଯୁବକମାନେ।

ଯୁବକ ଫସିଯାଇଥିବା ସୂଚନା ଆସିଥିଲା। ପୋଲିସ ଟିମ୍ ପହଞ୍ଚିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେବାରୁ ସେମାନେ ମଧ୍ୟ ପହଞ୍ଚି ଯାଇଥିଲେ। ମହାନଦୀ ଭିତରେ ଉକ୍ତ ଯୁବକମାନଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ଧାର ହୋଇଥିବାରୁ ସାମାନ୍ୟ ସମସ୍ୟା ହୋଇଥିଲା। ଉଦ୍ଧାର ହୋଇଥିବା ଯୁବକମାନଙ୍କ କହିବା କଥା, ରବିବାର ଥିବାରୁ ସମସ୍ତେ ଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ଫେରିବା ସମୟରେ ହଠାତ୍ ସାଇଫନରୁ ପାଣି ଛାଡି ଦିଆଯାଇଥିଲା। ଚାରିପଟ ପାଣି ମଧ୍ୟରେ ସେମାନେ ଫସିରହିଥିଲେ। ପାଣି ପରିମାଣ ବୃଦ୍ଧି ପାଇବାରୁ ସେମାନେ ଭୟଭୀତ ଅବସ୍ଥାରେ ରହିଥିଲେ। ହେଲେ ପୋଲିସ ଓ ଅଗ୍ନିଶମ ଟିମ୍ ପହଞ୍ଚି ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ କିଛିଦିନ ପୂର୍ବରୁ ଏହି ସ୍ଥାନରେ ଜଣେ ଯୁବତୀ ପାଣିରେ ଭାସିଯାଇଥିଲେ। ୪୮ଘଣ୍ଟା ପରେ ମହାନଦୀ ତଳମୁଣ୍ଡରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଥାନା ଅଧିକାରୀ ଦାସ ସାଇଫନକୁ ବଣଭୋଜି କିମ୍ବା ବୁଲିବାକୁ ଆସି ପାଣିଭିତରକୁ ନଯିବା ପାଇଁ ପରାମର୍ଶ ଦେଇଛନ୍ତି।

# ନିଜ ବନ୍ଧୁକରୁ ଗୁଳିଫୁଟି ଶିକାରୀ ମୃତ

ରେଙ୍ଗାଲି/ଜମନକିରା, ୧୪।୫(ଡି.ଏନ.ଏ.)

ସମ୍ବଲପୁର ଜିଲା କତରବଗା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିକଟସ୍ଥ ଜଙ୍ଗଲକୁ ବନ୍ୟପ୍ରାଣୀ ଶିକାର କରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଶିକାର ପାଇଁ ନେଇଥିବା ବନ୍ଧୁକରୁ ଗୁଳିଫୁଟି ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ ଯୁବକ ହେଲେ ସ୍ଥାନୀୟ ବଡବାହାଳ ଗାଁର କୁମର ଛତ୍ରିଆ (୩୦)। ମିଳିଥିବା ସୂଚନା ଅନୁସାରେ ଶନିବାର ରାତିରେ ପ୍ରାୟ ୭ରୁ ୮ଜଣ ଯୁବକ ବଡବାହାଲ ଜଙ୍ଗଲକୁ ବାର୍‌ହା ଓ ଅନ୍ୟ ବନ୍ୟପ୍ରାଣୀ ଶିକାର ପାଇଁ ଯାଇଥିଲେ। ଏକ ବାଇକ୍ ଆସୁଥିବା ଶବ୍ଦ ଶୁଣି ଶିକାରୀମାନେ ଫେରାର ହେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପାଖରେ ଥିବା ବନ୍ଧୁକରୁ ଗୁଳି ଫୁଟି କୁମରଙ୍କ ଦେହରେ ବାଜିଥିଲା। ଅନ୍ୟ ଯୁବକମାନେ ବର୍ତ୍ତି ଯାଇଥିଲେ। କତରବଗା ଥାନା ଚନ୍ଦନିମାଲ ଓ ବଡବାହାଲ ଜଙ୍ଗଲ ମଝିରେ ଏହି ଘଟଣା ଘଟିଛି । କତରବଗା ପୋଲିସ ମୃତଦେହ ଜବତ କରିବା ସହ ୬ ଜଣଙ୍କୁ ଅଟକ ରଖିଛି। ଏହାସହ ୨ ବନ୍ଧୁକ ମଧ୍ୟ ଜବତ କରିଛି।

# ସ୍ୱଚ୍ଛ ବେଲପାହାଡ଼ ପାଇଁ ଜନସଚେତନତା

ବେଲପାହାଡ,୧୪।୫(ଡି.ଏନ.ଏ.)

ବେଲପାହାଡ ପୌରାଞ୍ଚଳରେ ଜଳ ସଂରକ୍ଷଣ ଓ ସ୍ୱଚ୍ଛ ବେଲପାହାଡ଼ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଉଦ୍ୟମ ଜାରି ରହିଛି। ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଥିବାବେଳେ ପଡ଼ା ଓ ବସ୍ତିରେ ବିଛାଯାଇଥିବା ପାଣି ପାଇପ୍‌ରୁ ଅହରହ ପାଣି ବାହାରୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ କିଛି ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ହାତରେ ପ୍ଲାକାର୍ଡ ଧରି ରବିବାର ନାରାବାଜି ସହ ଜନ ସଚେତନତା ସୃଷ୍ଟି କରିଥିଲେ। ସହରାଞ୍ଚଳରେ ଜଳ ଅପବ୍ୟବହାର, ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ବେଲପାହାଡ ଅଭିଯାନରେ ପୌରାଞ୍ଚଳର ପ୍ରତ୍ୟେକ



ସଚେତନତା ଶୋଭାଯାତ୍ରାରେ ବୁଦ୍ଧିଜୀବୀମାନେ।

ଜନସାଧାରଣ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଛି। ଗାନ୍ଧୀ ସେବା ସଦନ ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାବେଳେ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏପରି ଉପାୟରେ ପ୍ରଦର୍ଶନ କରିବାକୁ ବାଧ୍ୟ ହୋଇଥିବା ପ୍ରଦର୍ଶନକାରୀ ପ୍ରତିକ୍ରିୟା ରଖିଥିଲେ। ସ୍ଥାନୀୟ କାଉନସିଲର ଏହାର ସ୍ଥାୟୀ ସମାଧାନ ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଥିବା କହିଥିଲେ।

# ବ୍ରିଜ୍ ତଳକୁ ଖସିପଡ଼ି ଯୁବକ ଗୁରୁତର

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ଥାନା ଷ୍ଟେଶନ ପାଖ ନୂତନ ଫ୍ଲାଇଓଭରରୁ ପଡି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଲକ୍ଷ୍ମୀଡୁଙ୍ଗୁରୀର ମନୋଜ ବାଗ (୨୮)। ସୂଚନା ଅନୁସାରେ ମନୋଜ ଏକ ବାଇକ୍‌ରେ ନୂତନ ବ୍ରିଜ୍ ଉପରେ ଆସୁଥିଲେ। ବୁଲାଣି ଥିବାରୁ ବ୍ରିଜ୍ ଡିଭାଇଡରରେ ପିଟି ହୋଇ ସେ ବାଇକ୍ ସହ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ମାଣ୍ଡିଆ ଚାଷ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ମହିଳାପୁରୁଷ ଚାଷୀ।

କୁଚିଣ୍ଡା,୧୪।୫(ଡି.ଏନ.ଏ.)

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ଏପରିସ୍ଥଳେ ବାମରା ବ୍ଲକ ରବଗା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବଗା, ସେମେଲବାହାଲ, କୁଚିଣ୍ଡା, କିନାବଗା ଗ୍ରାମର ଚାଷୀମାନେ ଯୋଗଦେଇଥିଲେ। ଚାଷୀଙ୍କୁ ମାଣ୍ଡିଆ ଚାଷ ଓ ମଣ୍ଡି ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ମାଗଣା ଖାଦ୍ୟ ବଣ୍ଟନକୁ ବର୍ଷେ ପୂରିଲା



ବୁର୍ଲା ଭିମ୍‌ସାରରେ ମାଗଣା ଖାଦ୍ୟ ବଣ୍ଟନ କରାଯାଉଛି ।

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର ଭିମ୍‌ସାର ପରିସରରେ ରୋଗୀ ସମ୍ପର୍କିୟଙ୍କୁ ଖାଦ୍ୟ ଦେବା ପାଇଁ କରାଯାଇଥିବା ଯୋଜନାକୁ ଏକବର୍ଷ ପୂରିଛି । ପ୍ରତ୍ୟେକ ରବିବାର ଏଠାରେ ଭାତ, ଡାଲମା ଓ ଖଟା ମାଗଣାରେ ଦିଆଯାଇ ଆସୁଛି। ବର୍ଷକରେ ୮୦୦୦୦ରୁ ଉର୍ଦ୍ଧ୍ୱ ରୋଗୀ ସମ୍ପର୍କିୟଙ୍କୁ ଖାଦ୍ୟ ଦିଆଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷ ପୂର୍ତ୍ତି ଉପଲକ୍ଷେ ମେଡିକାଲ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ହୋଇଥିଲା । ସମ୍ବଲପୁର ଆଇଆଇଏମ୍ ଡାଇରେକ୍ଟର ମହାଦେଓ ପ୍ରସାଦ ଜୟସ୍ୱାଲ, ସମ୍ମାନିତ ଅତିଥି ଭାବରେ ଆଡିସନାଲ ସବ୍‌କଲେକ୍ଟର ଅଞ୍ଜଳିନା ପ୍ରଧାନ, ଡା. ଲାଲମୋହନ ନାୟକ, ରେଡକ୍ରସ୍ ସେକ୍ରେଟାରୀ ଜୟ ଜର୍ଜ, ଡା. ସୁଜିତ ପୃଷ୍ଟେଠ ଯୋଗ ଦେଇଥିଲେ। ଶେଷରେ ରାମଦାସ ପଣ୍ଡା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ। ସୁବ୍ରତ ପଣ୍ଡା, ବିପିନ ବିହାରୀ ପଣ୍ଡା, ଅନିଲ ଦେହୁରି, ମଳୟ ଦାସ, ସ୍ୱାଧୀନ ଛତର, ଲକ୍ଷ୍ମୀ ପ୍ରଧାନ, ରାଜେଶ ସେଠ୍, ଚନ୍ଦନ ଦାସ, ଚନ୍ଦ୍ରଶେଖର ପାତ୍ର, ପ୍ରକାଶ ପ୍ରଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍. ରାମପୁରରେ ମାଓବାଦୀ ପୋଷ୍ଟର

ଭବାନୀପାଟଣା,୧୪।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ଟାପରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ୩ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡିଏସପି ଅତୁଳ ଦାଶ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ରବିବାର ସକାଳୁ ଏମ୍. ରାମପୁର ଥାନା ଡମ୍ବକରଲାଖୁଣ୍ଟା, ମାଣିକେରା ଆଦି ପଞ୍ଚାୟତ ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। କେକେବିଏନ୍ ଡିଭିଜିନାଲ କମିଟି ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି। ଏଥିରେ ପୋଲିସ ଇନ୍‌ଫର୍ମର କାମ କରନ୍ତୁ ନାହିଁ, ପୋଲିସ ଓ ଗୋଇନ୍ଦା ଅଫିସର ଭୟର ଚାପ ଓ ପ୍ରଲୋଭନରେ ପଡନ୍ତୁ ନାହିଁ। ଗାଁ ଗାଁରେ ଥିବା ପୋଲିସ ସୂଚନାଦାତାଙ୍କୁ ଚିହ୍ନଟ କରି ମାଓବାଦୀ ପାର୍ଟିକୁ ସୂଚନା ଦିଅନ୍ତୁ, ପାର୍ଟି ବିରୋଧ ଓ ପୋଲିସକୁ ସୂଚନା ଦେବା ପାଇଁ କହୁଥିବା ବ୍ୟକ୍ତିଙ୍କୁ ବିରୋଧ କରିବା ପାଇଁ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଣି ଭୟର ବାତାବରଣ ଦେଖାଦେଇଛି।

# ଜିଲା ମୁଖ୍ୟ ଚିକିତ୍ସାଳୟ ସୁରକ୍ଷା କର୍ମୀଙ୍କ ରକ୍ତଦାନ



ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ କରୁଥିବା ସୁରକ୍ଷା କର୍ମୀ।

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ପ୍ରତି ସମ୍ବଲପୁର ଜିଲା ଓ ବୁର୍ଲା ଭିମ୍‌ସାରରେ ରକ୍ତର ଅଭାବ ରହିଛି। ଅଭାବ ପୂରଣ କରିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହି କ୍ରମରେ ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା କର୍ମୀମାନେ ରକ୍ତଦାନ ଶିବିର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଡା. କଲପେଶ କକ୍କଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ସୁପରଭାଇଜର ଶ୍ରୀଧର ଜେନା, ସୁପରଭାଇଜର ଡୋଲାମଣୀ ତାଣ୍ଡି, ସୁମନ୍ତ ବେହେରା, ଅର୍ଜ୍ଜୁନ ସୁରୁଜାଲ ଶିବିର ପରିଚାଳନା କରିଥିଲେ ।

# ରାସ୍ତା ମଝିରେ ଗର୍ତ୍ତ, ଯାତାୟାତରେ ବାଧା

ଖଡ଼ିଆଳ,୧୪।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଏନ୍ଏସିର ୱାର୍ଡ ନମ୍ବର ୮ ରଜାପଡା ରକ୍ତାମ୍ବରୀ ମନ୍ଦିର ରାସ୍ତା ମଝିରେ ଦୀର୍ଘ ଦିନ ହେବ ଏକ ଭର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତରେ ବାଧା ହେଉଛି। ଏହି ରାସ୍ତା ସହର ମଧ୍ୟରେ ଥିବାରୁ ସବୁବେଳେ ବ୍ୟସ୍ତ ରହୁଛି। ଫଳରେ ରାସ୍ତାର ଗର୍ତ୍ତରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଏହା ପୂର୍ବରୁ ଅନେକ ଥର ଗର୍ତ୍ତ ସୃଷ୍ଟି ହୋଇଛି। ହେଲେ ସ୍ଥାନୀୟ ଲୋକେ ଭଙ୍ଗା ଇଟା ପଥର ଦେଇ ପୋତିଦେଇଥିବା ବେଳେ ବର୍ତ୍ତମାନ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ମଝିରେ ଗର୍ତ୍ତ ଯୋଗୁ ଭାରି ଜାନ ବହୁତ କଷ୍ଟରେ ଯିବା ଆସିବା କରୁଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଠିକ କରିବାକୁ ଦାବି ହେଉଛି।

# ରକ୍ତଦାନ କଲେ ଡାକ୍ତରୀ ଛାତ୍ର

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମ୍‌ସାର୍ ମେଡିକାଲ କଲେଜରେ ଅଣ୍ଡର୍ ଗ୍ରାଜୁଏଟ୍ ଛାତ୍ରସଂସଦ ପକ୍ଷରୁ ମେଡିକାଲ ପରିସର ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ରେଡ଼ିଓଲୋଜି ବିଭାଗର ପ୍ରଫେସର ଡା. ବ୍ରଜବିହାରୀ ପଣ୍ଡା ମୁଖ୍ୟଅତିଥି ଓ ମେଡିସିନ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ବିପିନ୍ କୁଲୁ, ରକ୍ତ ସଞ୍ଚାଳନ ବିଭାଗର ଡ଼ା. ବିନୋଦ ସାହୁ, ଭିମ୍‌ସାର୍ ଜେଡିଏ ସଭାପତି ଡା. ସାଇ ଓମ୍ ସାହୁ, ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ଜିଲା ଯୁବ ବିଜେଡ଼ି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସଞ୍ଜୟ ଓରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଗତିକୃଷ୍ଣ ରାଉତ, ଚନ୍ଦ୍ରିକା ପଣ୍ଡା, ପ୍ରଭାତ କୁମାର ଜେନା, ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ସଂଯୋଜନା କରିଥିଲେ। ଶିବିରରେ ବହୁ ଡାକ୍ତରୀ ଛାତ୍ର ପ୍ରଥମଥର ପାଇଁ ରକ୍ତଦାନ କରିଥିବା ବେଳେ ସମୁଦାୟ ୧୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଭାଗ ନେଇଥିବା ଡାକ୍ତରୀ ଛାତ୍ରୀଛାତ୍ର।

# ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ବୈଠକ

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁରର ସର୍ବପୁରାତନ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଶୀତଳଷଷ୍ଠୀ ଯାତ୍ରାର ସଫଳ ଆୟୋଜନ ନିମନ୍ତେ କମିଟିର ବରିଷ୍ଠ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ନନ୍ଦପଡାସ୍ଥିତ ବାବା ବାଲୁଙ୍କେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ଗୋଲକ ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନନ୍ଦପଡାରୁ ଶୀତଳଷଷ୍ଠୀର ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ ଭବ୍ୟ ଶୋଭାଯାତ୍ରା ବାହାରୁଥିବା ବେଳେ ଏହା ହାଟପଡା, ଦଲେଇପଡା, ମ୍ୟୁନିସିପାଲିଟି ଛକ, ଶକ୍ତି ସଂଘ ଛକ, ବୈଦ୍ୟନାଥ ଛକ, କଂସାରିପଡା, ମହାନ୍ତିପଡା ଦେଇ ନନ୍ଦପଡାକୁ ପ୍ରତ୍ୟାବର୍ତ୍ତନ କରିଥାଏ। ଏଣୁ ଯାତ୍ରା ଯାଉଥିବା ରୁଟରେ ଥିବା ସମସ୍ତ ପଡାଗୁଡିକର ମୁରବୀ ଶ୍ରେଣୀ ବ୍ୟକ୍ତିମାନେ ବୈଠକରେ ଉପସ୍ଥିତ



ସମନ୍ୱୟ ସମିତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

ରହିଥିଲେ। ଦଲେଇପଡାର ଗୋକୁଳ ମେହେର, ସିଦ୍ଧାର୍ଥ ସାହା, ବିମଳ ବେରିହା, ଅଭିଷେକ ବାଗ, ଅକାଶ ଖମାରୀ, ଏମ୍‌ଡି ସନାଉଲ୍ଲା, ହାଟପଡାର ବିଜୁ ସେଟ, ବିଶ୍ୱଜିତ ଦେହୁରି, ପ୍ରକାଶ ଚନ୍ଦ୍ର କଟୱାଲ, କଂସାରୀପଡାର ମିଳନ ମହାରଣା, ସରୋଜ ମହାରଣା, ଗୋବିନ୍ଦ ଅଗ୍ରୱାଲ, ମହାନ୍ତିପଡାର ବିନୟ କୁମାର ଦାନି, ଗୋପାଳ ପୃଷ୍ଟେଠ, ଜଗନ୍ନାଥ କାଓ, ପ୍ରମୋଦ ରଞ୍ଜନ ବିଶ୍ୱାଳ, ଲୋକନାଥ ମିଶ୍ର, ରତନ ବହିଦାର ସାମିଲ ହୋଇ ମତାମତ ରଖିଥିଲେ ।

## ସଂକ୍ଷେପରେ

### ସିବିଏସ୍‌ଇ ପରୀକ୍ଷାରେ ପୀୟୂଷ ସାହୁ ୯୫.୮%ରେ ଉତ୍ତୀର୍ଣ୍ଣ



**କେସିଙ୍ଗା,୧୪।୫(ଡି.ଏନ.ଏ.):** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲର ଛାତ୍ର ପୀୟୂଷ ସାହୁ ୯୫.୮ପ୍ରତିଶତ ମାର୍କ ରଖି ପାସ୍ ହୋଇଛନ୍ତି। ସେହିପରି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ୮ଜଣ ଛାତ୍ରୀଛାତ୍ର, ୮୦ରୁ ୯୦ ପ୍ରତିଶତ ନମ୍ବର ରଖି ୧୩ଜଣ ଏବଂ ପ୍ରଥମ ଶ୍ରେଣୀରେ ୭୩ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

### ମୋବାଇଲ ଉଦ୍ଧାର, ଲୁଟେରା ଗିରଫ

**ବଲାଙ୍ଗୀର ଅଫିସ, ୧୪।୫:** ବଲାଙ୍ଗୀର ସହର ମାଲପଡା ନିବାସୀ ଶିବ ଶଙ୍କର ନାୟକ ଗତ ମାର୍ଚ୍ଚ ୧୪ ତାରିଖ ଭୋର ୪ଟାରେ ରେଳଷ୍ଟେଶନରୁ ଫେରୁଥିଲେ। ସୁଦପଡା ଯୁବଦୋୟ କଲେଜ ସାମ୍ନାରେ ସେ ପହଞ୍ଚିଥିବା ବେଳେ ଦୁଇଜଣ ଅଜଣା ପିଲା ତାଙ୍କୁ ଅଟକାଇ ମାଡ଼ ମାରି ମୋବାଇଲ ଓ ଦୁଇ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଶିବଶଙ୍କର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (୧୨୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ପୋଲିସ ଅଧିକାରୀ ଏ.ଏସ.ଆଇ ବୁଦ୍ଧଦେବ ବିଶ୍ୱାଳ ଲୁଟି ନେଇଥିବା ମୋବାଇଲକୁ ଅଭିଯୁକ୍ତ ମଣ୍ଟୁ କରନ (୨୫)ଙ୍କଠାରୁ ଉଦ୍ଧାର କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅଭିଯୁକ୍ତ କରନ୍ ଧୁବାପଡା (ଗେଟସରୋବର ପଡା)ର ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସମାଜର ସମ୍ବିଧାନ ମାନିଲେ ଆଗେଇବ

## ୮୪ ଘର ଅଘରିଆ ସମାଜର ବୈଠକ

ବଲାଙ୍ଗୀର ଅଫିସ, ୧୪।୫

ବଲାଙ୍ଗୀର ଜିଲା ବାରପୁଡୁଗିଆଗୁଡି ଅନ୍ତର୍ଗତ ୨୩ଟି ଗାଁର ଗ୍ରାମ୍ୟ କମିଟି ଏବଂ କର୍ମକର୍ତ୍ତାଙ୍କୁ ନେଇ ଖୁଣ୍ଟପାଲି ନୂଆବସ୍ତି ଆରଆର କଲୋନୀଠାରେ ୮୪ ଘର ଅଘରିଆ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଡି ସଭାପତି ସାରଥୀ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଞ୍ଚଳିକ କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ସମ୍ମାନିତ ଅତିଥି ଭାବେ ଦିଗାମ୍ବର ନାଏକ, ମହିଳା ମଞ୍ଚ ସଭାନେତ୍ରୀ ମିତା ରାଉତ, କୃଷକ ମଞ୍ଚ ସଭାପତି ଉଦୟ ନାଏକ, ଯୁବାମଞ୍ଚ ସଭାପତି ପ୍ରମୋଦ ପଟେଲ ଯୋଗ ଦେଇଥିଲେ। ବିଦାୟୀ ସଭାପତି ଉଦୟନାଥ ପଟେଲ, ସମ୍ପାଦକ ଲିଙ୍ଗରାଜ ପଟେଲ, ଉପସଭାପତି ଜଗଦୀଶ ରାଉତ ଏବଂ ଗୁଡି ସଭ୍ୟ ବିରଞ୍ଚି ରାଉତଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ସଙ୍ଗୀତ ପରେ ଗୁଡି ସମ୍ପାଦକ ଶଶୀଭୂଷଣ ପଟେଲ ବିବରଣୀ ପାଠ କରିଥିଲେ। ଅଘରିଆ ସମାଜର ସମ୍ବିଧାନକୁ ସମସ୍ତେ ମାନିବାକୁ ମୁଖ୍ୟ ଅତିଥି ଅନୁରୋଧ କରିଥିଲେ। ବର୍ଷକୁ ଦୁଇ ଥର ରକ୍ତଦାନ, ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରୀଛାତ୍ର, କୃଷକ ଏବଂ ସ୍ୱାସ୍ଥ୍ୟସେବାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା। ସଭାରେ ଦିବଙ୍ଗତ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଭାକୁ ପରିଚାଳନା କରିବାରେ ମଧୁସୂଦନ ପଟେଲ, ସୁବାସ ପଟେଲ, ସୁଧୀର ପଟେଲ, ସୀତାରାମ ପଟେଲ, ସନ୍ତୋଷ ପଟେଲ, ଅଶୋକ ପଟେଲ, ଆଶିଷ ପଟେଲ, ଗୋପବନ୍ଧୁ ପଟେଲ, ସୁଶୀଳ ପଟେଲ, ଆର୍ତ୍ତ ପଟେଲ, ନିରାକାର ସାଏ ଏବଂ ରାଜେଶ ପଟେଲ ବିଶେଷ ସହଯୋଗ କରିଥିଲେ। ଶେଷରେ ଗୁଡି ସଭ୍ୟ ପ୍ରସାଦୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜର ଆଗାମୀ ସଭା କୁରୁମଡୋଲାଠାରେ ଅନୁଷ୍ଠିତ ହେବ ବୋଲି ସଭାରେ ସୂଚନା ଦିଆଯାଇଥିଲା।



୮୪ ଅଘରିଆ ସମାଜ ବୈଠକରେ ମଞ୍ଚାସୀନ ଅତିଥି ଏବଂ କାର୍ଯ୍ୟକର୍ତ୍ତା।

# ପୂର୍ବ ଶତ୍ରୁତାରୁ ଠେଙ୍ଗାରେ ପିଟି ହତ୍ୟା

ଲାଞ୍ଜିଗଡ଼,୧୪।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ଲାଞ୍ଜିଗଡ଼ ସହରର ସୁବାସ ମହାକୁଡ଼(୫୫)।

ଏ ନେଇ ସୁବାସଙ୍କ ପୁଅ ଶୁଭେନ୍ଦୁ ମହାକୁଡ଼ ଲାଞ୍ଜିଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ. ୩୩/୨୩) ରୁଜୁ କରି ଥାନାଧିକାରୀ ଉତ୍ତମ କୁମାର ସାହୁ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଏହି ମାମଲାରେ ୪ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତଙ୍କ ସ୍ତ୍ରୀ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୪/୨୩) ରୁଜୁ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରବିବାର ସନ୍ଧ୍ୟାରେ ଲାଞ୍ଜିଗଡ଼ ସହରର ସୁବାସ ନିଜର ଜଣେ ବନ୍ଧୁଙ୍କ ସହିତ କେଉଁଆଡେ ଯାଇ କାରରେ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ଘର ସାମ୍ନାରେ ମେଟାଲ ଓ ଚିପ୍ସ ଜମା ହୋଇଥିବା ଦେଖି ସାମ୍ନାରେ ଥିବା ପଡ଼ୋଶୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଡୋଶୀମାନେ ମିଶି ଆକ୍ରମଣ କରିବା ସହ ସୁବାସଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପ୍ରବଳ ମାଡ଼ ଯୋଗୁ ସୁବାସଙ୍କ ମୁହଁ ଓ ନାକରୁ ପ୍ରଚୁର ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତି ହୋଇଯିବାରୁ ସୋମବାର ବ୍ୟବଚ୍ଛେଦ ପରେ ପରିବାରର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ଦୁଇବର୍ଷ ତଳେ ସୁବାସଙ୍କ ପୁଅ ଶୁଭେନ୍ଦୁ ପଡ଼ୋଶୀଙ୍କ ଭାଣିଜୀ ଝିଅ ଧରି ପଳାଇବା ସହ କୋର୍ଟ୍ ମ୍ୟାରେଜ କରିବା ଦିନଠୁ ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା।

## ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଧାରଣା

ଜଳେଶ୍ୱର,୧୪।୫(ଡି.ଏନ୍.ଏ.)

ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଜଣେ ଯୁବତୀ ପ୍ରେମିକଙ୍କ ଘର ଆଗରେ ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଯୁବକ ଦୀର୍ଘ ଦିନ ହେଲା ରାୟଗଡା ଜିଲାର ଏକ ଘରୋଇ କମ୍ପାନୀରେ କାମ କରି ଆସୁଥିଲେ। ଏହି ସମୟରେ ସେଠାକାର ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଦୈହିକ ସମ୍ପର୍କ ସ୍ଥାପନ କରି ଆସୁଥିଲେ। ପରେ ଦେହ ଭଲ ନାହିଁ ୬ ମାସ ପରେ ବିବାହ କରିବେ ବୋଲି କହି ନିଜ ଗାଁକୁ ପଳେଇ ଆସି ଅନ୍ୟ ଜଣେ ଝିଅକୁ ବିବାହ କରି ଆଉ ରାୟଗଡା ଯାଇ ନ ଥିଲେ। ରାୟଗଡ଼ାର ଯୁବତୀ ଜଣକ ଶନିବାର ଜଳେଶ୍ୱର ଥାନା ଅଞ୍ଚଳକୁ ଆସି ପ୍ରେମିକଙ୍କ ଘର ଆଗରେ ବସିଥିଲେ। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଯୁବତୀ ଜଣକ ପ୍ରେମିକଙ୍କ ଘରେ ରାତିରେ ରହିଥିଲେ। ଯୁବତୀ ଜଣକ ରାତିରେ ଶୋଇଥିବା ବେଳେ ଯୁବକ ଜଣକ ତାଙ୍କ ବିବାହିତ ସ୍ତ୍ରୀଙ୍କୁ ଧରି କୁଆଡ଼େ ପଳାଇ ଯାଇଥିଲେ। ପରିବାରର ସମସ୍ତ ସଦସ୍ୟ ମଧ୍ୟ ଘରୁ ବାହାରି ପଳାଇ ଯାଇଥିଲେ। ତେବେ ନ୍ୟାୟପାଇଁ ଯୁବତୀ ଜଣକ ରବିବାର ସକାଳଠାରୁ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

# ଷାଠିଏ ଘର ଡୁମାଲ ସମାଜର ଜାଗୃତି ସଭା

ବଲାଙ୍ଗୀର ଅଫିସ, ୧୪।୫

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କେରମେଲିସ୍ଥିତ ମାହେଶ୍ୱରୀଙ୍କ ଡାଲତଲ ପ୍ରାଙ୍ଗଣରେ ଷାଠିଏ ଘର ଡୁମାଲ ସମାଜ ଜାଗୃତି ସଭା ରବିବାର ଅନୁଷ୍ଠିତ ହୋଇଛି। ଟୀକେଶ୍ୱର କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୀର୍ଥ ପଧାନ ମଞ୍ଚ ପରିଚାଳନା କରିଥିଲେ। ଜିଲା ଡୁମାଲ ସମାଜ କାର୍ଯ୍ୟକ୍ରମ ତତ୍ତ୍ୱାବଧାରକ ତଥା ପ୍ରମୁଖ ଜଗନ୍ନାଥ କରନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରକାଶ ମେର୍ଲି, ରମାକାନ୍ତ ପଧାନ, ଇନ୍ଦୁଭୂଷଣ ଡାଙ୍ଗ, ଈଶ୍ୱର କରନ, ବରୁଣ ବଘାର, ଗୁରୁଦେବ କର୍ମୀ, ବ୍ୟାସଦେବ ଦେହୁରୀ, ଶମ୍ଭୁ ମହାକୁର, ଶୀତଳ ଅମାତ, ଜୟସିଂ ଖମାରୀ, ସନାତନ ବଘାର, ଗୁପ୍ତେଶ୍ୱର ପାତ୍ର, ରାମଚନ୍ଦ୍ର ପଧାନ, ଗଙ୍ଗାଧର କର୍ମୀ, ରାଜକୁମାର ପଧାନ, ଶେଷଦେବ କର୍ମୀ, ଅଭି ପଧାନ ମଞ୍ଚାସୀନ ଥିଲେ। ଡୁମାଲ ସମାଜ କିପରି ଶିକ୍ଷାଗତ, ସାମାଜିତ, ଆର୍ଥିକ, କୃଷି, ବ୍ୟବସାୟିକ ଦିଗରେ ବିକଶିତ ହୋଇପାରିବ ଅତିଥିମାନେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୁବ ସମାଜସେବୀ ପୁରୁଷୋତ୍ତମ କର୍ମୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନମୋହନ କର୍ମୀ, ଗୋପବନ୍ଧୁ କର୍ମୀ, ସୁନା ପଧାନ, ଟଙ୍କଧର ପାତ୍ର, ସନ୍ୟାସୀ ପଧାନ, ସୁରେନ୍ଦ୍ର ପଧାନ, ଇନ୍ଦ୍ରମଣି ପଧାନ, ଜଳନ୍ଧର ପଧାନ, ଗୁଣ୍ଡୁ ପଧାନ, ରମେଶ କର୍ମୀ, ଦୟାନିଧି ପଧାନ, ଅଖିଳ ପଧାନ, ଫଗୁନୁ କର୍ମୀ, ନବୀନ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। କର୍ଲାଟିଟା, ବରପିଟା, ଡୁଲୁସର ଗ୍ରାମରୁ ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ। ତୀର୍ଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସବିତା



@ ରମେଶ



@ ସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ପୂର୍ବତନ ପାକ୍ସ ସଭାପତିଙ୍କୁ ହତ୍ୟା ଘଟଣା

# ପରକୀୟା ପ୍ରୀତି ନେଲା ଜୀବନ, ୫ ଗିରଫ

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ହପ୍ରିୟାବାହାଲ ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତିରେ ଘେନୁପାଲି ସମବାୟ ସମିତି (ପାକ୍ସ) ପୂର୍ବତନ ସଭାପତି ତଥା ବର୍ତ୍ତମାନର ନିର୍ଦ୍ଦେଶକ ସୁରଥ ବଗର୍ତ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ଓରାମପଡ଼ାର ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମିଥୁନ ଓରାମ (୨୩), ଦୀପକ ଓରାମ (୨୮), ଭଗବାନ ଓରାମ (୨୯), ପୂର୍ଣ୍ଣ ଓରାମ (୨୦) ଓ ଅରୁଣ ମୁଣ୍ଡା (୧୯)। ରବିବାର ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ପକ୍ଷରୁ ମଳିଥିବା ସୂଚନା ଅନୁସାରେ ମୃତକ ସୁରଥ ଓରାମପଡାର ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିଲେ। ଏହାକୁ ନେଇ ପୂର୍ବରୁ ସୁରଥଙ୍କୁ ପଡାକୁ ଆସିବାକୁ ମନାକରାଯାଉଥିଲା। ହେଲେ ସେ ବାରମ୍ବାର ଯିବାଆସିବା କରୁଥିଲେ। ଘଟଣା ଦିନ ମଧ ରାତି ୯ଟାରେ ସେ ପଡାକୁ ଯାଇଥିଲେ। ସେ ସମୟରେ ଉକ୍ତ ମହିଳାଙ୍କ ସମ୍ପର୍କୀୟମାନେ ମନା କରିଥିଲେ। ଏହାକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ସେମାନେ ଠେଙ୍ଗାରେ ସୁରଥଙ୍କୁ ପିଟିଥିଲେ। ସଂଘବଦ୍ଧ ଆକ୍ରମଣ ପରେ ସୁରଥ ତଳେ ପଡିଯାଇଥିଲେ। ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାବେଳେ ଶେଷରେ ଗ୍ରାମ ନିକଟ ପତରା ଜଙ୍ଗଲରୁ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ଗତ ଗୁରୁବାର ବିଳମ୍ବିତ ରାତିରେ ଓରାମପଡ଼ା କମ୍ୟୁନିଟି ସେଣ୍ଟର ସମ୍ମୁଖରେ ସୁରଥଙ୍କ ମୃତଦେହ ପଡିରହିଥିଲା। ତାଙ୍କ ଭାଇ ଶତ୍ରୁଘନ ସୁରଥଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ।

# ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଅ

ଲାଠୋର, ୧୪।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବରିଷ୍ଠ ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ଏ ନେଇ ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ। ଫ୍ରେସ ଏମ୍‌ବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦେଉଥିବା ଯୋଗୁଁ ସେମାନେ କିଛି ଦିନ କାମ କଲା ପରେ ଉଚ୍ଚତର ଶିକ୍ଷା ପାଇଁ ଚାଲି ଯାଉଛନ୍ତି। ଅପରପକ୍ଷେ ପ୍ରତି ରବିବାର ତଥା ଛୁଟି ଦିନମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହୁଥିବାରୁ ସମସ୍ୟା ଆହୁରି ବଢ଼ିଯାଉଛି। ୧୯୭୫ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ଗତ ୧୫ବର୍ଷ ହେବ ଏଠିକାର ଅଧିବାସୀ ସ୍ଥାୟୀ ବରିଷ୍ଠ ଏମ୍‌ବିବିଏସ ଡ଼ାକ୍ତର ନିଯୁକ୍ତିପାଇଁ ଆନ୍ଦୋଳନ, ଧାରଣା, ରାସ୍ତାରୋକୋ କରି ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଏଠାରେ କାର୍ଯ୍ୟରତ ଏମ୍‌ବିବିଏସ ଡ଼ାକ୍ତର ଜୟଶ୍ରୀ ମିଶ୍ର ଗତ ଡ଼ିସେମ୍ବର ୨୦୨୨ଠାରୁ ଉଚ୍ଚଶିକ୍ଷା ଲାଭ ପାଇଁ ଯିବାପରେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ରୋଗୀ ସ୍ୱାସ୍ଥ୍ୟସେବା ପାଇ ପାରୁ ନାହାନ୍ତି। ଅନ୍ୟନୋପାୟ ହେଇ ରୋଗୀମାନେ ଖପ୍ରାଖୋଲ ଏବଂ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଚିକିତ୍ସିତ ହେଉଛନ୍ତି। କୌଣସି ଗୁରୁତର କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀ ଚିକିତ୍ସା ପାଇଁ ଆସିଲେ ଡ଼ାକ୍ତର ଅଭାବ ହେତୁ ହଇରାଣ ହରକତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ସ୍ଥାୟୀ ଡ଼ାକ୍ତର ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଏଠାକୁ କୌଣସି ଏମ୍‌ବିବିଏସ ଡାକ୍ତରଙ୍କୁ ଡ଼େପୁଟେସନରେ ନିଯୁକ୍ତି ଦେଲେ କିଛି ପରିମାଣରେ ରୋଗୀ ସୁବିଧା ପାଇପାରିବେ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି। ଏନେଇ ଖପ୍ରାଖୋଲ ମେଡ଼ିକାଲ ଅଫିସର ଇନଚାର୍ଜ ଡ଼ା.ସୁରଜ କୁମାର ଦୀପଙ୍କୁ ପଚାରିବାରୁ ସମସ୍ୟା ଉପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ତାଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଯିବ ବୋଲି କହିଛନ୍ତି।

# ଏସ୍‌ବିଆଇ ପକ୍ଷରୁ ବିୟୁଟି ୱେଲନେସ ତାଲିମ ଶିବିର

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁରରେ ବୁର୍ଲାସ୍ଥିତ ଏସ୍‌ବିଆଇ ଆର୍‌ସେଟି ପକ୍ଷରୁ ବିୟୁଟି ୱେଲନେସ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଧନକଉଡା, ନାକଟିଦେଉଳ, ଯୁଯୁମୁରା, ରେଙ୍ଗାଲି ବ୍ଲକର ୨୫ ଜଣ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମିଶନଶକ୍ତି ଜିଲା ପ୍ରକଳ୍ପ ପରିଚାଳକ ନିରଞ୍ଜନ ପଣ୍ଡା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜୀବନଜୀବିକା ପ୍ରକଳ୍ପ ପରିଚାଳକ ବିକାଶ ମହାନ୍ତି ଯୋଗ ଦେଇଥିଲେ। ମନୋଜ ମହନ୍ତ, ସୋନାଲି ପଟ୍ଟନାୟକ, ସ୍ୱାଧୀନ ବେହେରା ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୨୫ ଜଣଙ୍କ ମଧ୍ୟରୁ ୬ ଜଣ ଉଦ୍ୟୋଗୀ ଲଳିତା ଭୋଇ, ଜୟନ୍ତୀ ଶାସନି, ହେମାଞ୍ଜିନୀ ସ୍ୱାଇଁ, ପୁଷ୍ପାଞ୍ଜଳି ମହାନନ୍ଦ, ଦିପାଞ୍ଜଳି ଡାକୁଆ, ସୁମିତ୍ରା ରାଉତଙ୍କୁ ୟୁନିଟ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ଦେବାକୁ ଏସ୍‌ବିଆଇ ଚୟନ କରିଥିଲା। ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ପରୀକ୍ଷକ ରାଜକୁମାର ରାୟ, ବରିଷ୍ଠ ବିୟୁଟିସିଆନ ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇ ୨୫ ଜଣଙ୍କ ଲିଖିତ ଓ ମୌଖିକ ପରୀକ୍ଷା କରାଇଥିଲେ। ଏସ୍‌ବିଆଇ ଆର୍‌ସେଟି ନିର୍ଦ୍ଦେଶକ ମୁକେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୁର୍ଲାରେ ଏସ୍‌ବିଆଇ ପକ୍ଷରୁ ବିୟୁଟିପାର୍ଲର ତାଲିମ ଶିବିର।

# ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନି

- ସମସ୍ୟା ସମାଧାନ ନ ହେଲେ ପୁଣି ରାସ୍ତା ରୋକୋ ଚେତାବନୀ
- ପାନୀୟ ଜଳ ସମସ୍ୟା ନେଇ ରାସ୍ତା ରୋକୋ ଘଟଣା

ଲାଞ୍ଜିଗଡ଼,୧୪।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଯୋର ଗ୍ରାମ ଛକ ପଡ଼ାବାସିନ୍ଦା ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତଠାରୁ ବ୍ଲକ୍ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ସତ୍ତ୍ୱେ ଦାୟିତ୍ୱରେ ଥିବା କର୍ମଚାରୀ କିମ୍ବା ରାଜନେତା କେହି ମଧ୍ୟ କର୍ଣ୍ଣପାତ କରି ନ ଥିଲେ। ଏ ନେଇ ଏପ୍ରିଲ ୨୮ ତାରିଖ ସକାଳୁ ପଡ଼ାବାସୀ ଏକତ୍ରିତ ହୋଇ ବିଶ୍ୱନାଥପୁରଠାରୁ ବିଜେପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗରା, ବାଲ୍ଟି ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବ୍ଲକ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଦଶମନ୍ତ ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତଙ୍କ ସମ୍ମୁଖରେ ଏକ ଲିଖିତ ଭାବେ ୫ ଦିନ ମଧ୍ୟରେ ନଳକୂପ ଖନନ କରିଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତା ରୋକୋରୁ ଓହରି ଥିଲେ ପଡ଼ାବାସୀ । ଡ଼ଙ୍ଗାଯୋର ଗାଁ ଛକ୍ ପଡ଼ାବାସୀର ବହୁ ଆଶା ଥିଲା ଯେ ଯାହା ହେଉ ଏଥର ଆମର ଜଳ ସଙ୍କଟ ଦୂର ହେବ। କିନ୍ତୁ ପରିତାପର ବିଷୟ ପ୍ରତିଶ୍ରୁତିର ଆଜକୁ ପ୍ରାୟ ୧୬ ଦିନ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁରେ ନଳକୂପ ଟିଏ ଖୋଳା ହୋଇପାରିଲା ନାହିଁ। ଏ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ୫ ଦିନ ମଧ୍ୟରେ ଯଦି ସମସ୍ୟା ସମାଧାନ କରା ନ ହେଲେ ପୁଣି ରାସ୍ତା ରୋକୋ କରିବା ସହ ଜିଲାପାଳଙ୍କ ନିକଟକୁ ଯିବୁ ବୋଲି ମତ ପ୍ରକାଶ କରିଛନ୍ତି ପଡ଼ାବାସୀ। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।



ବନ୍ଧପାରି ପଞ୍ଚାୟତ ଡ଼ଙ୍ଗାଯୋର ଗ୍ରାମର ପଡ଼ାରବାସୀ।

## ସଂକ୍ଷେପରେ

### ସିବିଏସ୍ଇ ପରୀକ୍ଷାରେ ପୀୟୂଷ ସାହୁ ୯୫.୮%ରେ ଉତ୍ତୀର୍ଣ୍ଣ



**କେସିଙ୍ଗା,୧୪।୫(ଡି.ଏନ.ଏ.):** ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କେନ୍ଦୁପଡାସ୍ଥିତ ଦ୍ରୋଣାଚର୍ଯ୍ୟ ସ୍କୁଲର ଛାତ୍ର ପୀୟୂଷ ସାହୁ ୯୫.୮ପ୍ରତିଶତ ମାର୍କ ରଖି ପାସ୍ ହୋଇଛନ୍ତି। ସେହିପରି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ୮ଜଣ ଛାତ୍ରୀଛାତ୍ର, ୮୦ରୁ ୯୦ ପ୍ରତିଶତ ନମ୍ବର ରଖି ୧୩ଜଣ ଏବଂ ପ୍ରଥମ ଶ୍ରେଣୀରେ ୭୩ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

### ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଅ

**ଲାଠୋର, ୧୪।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବରିଷ୍ଠ ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ଏ ନେଇ ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ। ଫ୍ରେସ ଏମ୍‌ବିବିଏସ ଡାକ୍ତରଙ୍କୁ ନିଯୁକ୍ତି ଦେଉଥିବା ଯୋଗୁଁ ସେମାନେ କିଛି ଦିନ କାମ କଲା ପରେ ଉଚ୍ଚତର ଶିକ୍ଷା ପାଇଁ ଚାଲି ଯାଉଛନ୍ତି। ଅପରପକ୍ଷେ ପ୍ରତି ରବିବାର ତଥା ଛୁଟି ଦିନମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହୁଥିବାରୁ ସମସ୍ୟା ଆହୁରି ବଢ଼ିଯାଉଛି। ୧୯୭୫ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ଗତ ୧୫ବର୍ଷ ହେବ ଏଠିକାର ଅଧିବାସୀ ସ୍ଥାୟୀ ବରିଷ୍ଠ ଏମବିବିଏସ ଡ଼ାକ୍ତର ନିଯୁକ୍ତି ପାଇଁ ଆନ୍ଦୋଳନ, ଧାରଣା, ରାସ୍ତାରୋକୋ କରି ଆସୁଥିଲେ ମଧ ପଦକ୍ଷେପ ନିଆଯାଉନାହିଁ। ଏଠାରେ କାର୍ଯ୍ୟରତ ଏମ୍‌ବିବିଏସ ଡ଼ାକ୍ତର ଜୟଶ୍ରୀ ମିଶ୍ର ଗତ ଡ଼ିସେମ୍ବର ୨୦୨୨ଠାରୁ ଉଚ୍ଚଶିକ୍ଷା ଲାଭ ପାଇଁ ଯିବାପରେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ରୋଗୀ ସ୍ୱାସ୍ଥ୍ୟସେବା ପାଇ ପାରୁ ନାହାନ୍ତି। ଅନ୍ୟନୋପାୟ ହେଇ ରୋଗୀମାନେ ଖପ୍ରାଖୋଲ ଏବଂ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଚିକିତ୍ସିତ ହେଉଛନ୍ତି। କୌଣସି ଗୁରୁତର କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀ ଚିକିତ୍ସା ପାଇଁ ଆସିଲେ ଡ଼ାକ୍ତର ଅଭାବ ହେତୁ ହଇରାଣ ହରକତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ସ୍ଥାୟୀ ଡ଼ାକ୍ତର ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଏଠାକୁ କୌଣସି ଏମ୍‌ବିବିଏସ ଡାକ୍ତରଙ୍କୁ ଡ଼େପୁଟେସନରେ ନିଯୁକ୍ତି ଦେଲେ କିଛି ପରିମାଣରେ ରୋଗୀ ସୁବିଧା ପାଇପାରିବେ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି।

# ପରକୀୟା ପ୍ରୀତି ନେଲା ଜୀବନ, ୫ ଗିରଫ

## ପୂର୍ବତନ ପାକ୍ସ ସଭାପତିଙ୍କୁ ହତ୍ୟା ଘଟଣା

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ହପ୍ରିୟାବାହାଳ ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତିରେ ଘେନୁପାଲି ସମବାୟ ସମିତି (ପାକ୍ସ) ପୂର୍ବତନ ସଭାପତି ତଥା ବର୍ତ୍ତମାନର ନିର୍ଦ୍ଦେଶକ ସୁରଥ ବଗର୍ତ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ଓରାମପଡ଼ାର ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମିଥୁନ ଓରାମ (୨୩), ଦୀପକ ଓରାମ (୨୮), ଭଗବାନ ଓରାମ (୨୯), ପୂର୍ଣ୍ଣ ଓରାମ (୨୦) ଓ ଅରୁଣ ମୁଣ୍ଡା (୧୯)। ରବିବାର ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ପକ୍ଷରୁ ମଳିଥିବା ସୂଚନା ଅନୁସାରେ ମୃତକ ସୁରଥ ଓରାମପଡାର ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିଲେ। ଏହାକୁ ନେଇ ପୂର୍ବରୁ ସୁରଥଙ୍କୁ ପଡାକୁ ଆସିବାକୁ ମନାକରାଯାଉଥିଲା। ହେଲେ ସେ ବାରମ୍ବାର ଯିବାଆସିବା କରୁଥିଲେ। ଘଟଣା ଦିନ ମଧ ରାତି ୯ଟାରେ ସେ ପଡାକୁ ଯାଇଥିଲେ। ସେ ସମୟରେ ଉକ୍ତ ମହିଳାଙ୍କ ସମ୍ପର୍କୀୟମାନେ ମନା କରିଥିଲେ। ଏହାକୁ ନେଇ ପରସ୍ପର ମଧରେ ବଚସା ହୋଇଥିଲା। ସେମାନେ ଠେଙ୍ଗାରେ ସୁରଥଙ୍କୁ ପିଟିଥିଲେ। ସଂଘବଦ୍ଧ ଆକ୍ରମଣ ପରେ ସୁରଥ ତଳେ ପଡ଼ିଯାଇଥିଲେ। ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାବେଳେ ଶେଷରେ ଗ୍ରାମ ନିକଟ ପତରା ଜଙ୍ଗଲରୁ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ଗତ ଗୁରୁବାର ବିଳମ୍ବିତ ରାତିରେ ଓରାମପଡ଼ା କମ୍ୟୁନିଟି ସେଣ୍ଟର ସମ୍ମୁଖରେ ସୁରଥଙ୍କ ମୃତଦେହ ପଡିରହିଥିଲା। ତାଙ୍କ ଭାଇ ଶତ୍ରୁଘନ ସୁରଥଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ।

# ୫ ଟଙ୍କାରେ ମିଳ ଦେଉଛି ହାପି ଟୁ ହେଲ୍ପ ଫାଉଣ୍ଡେଶନ

ଦେବଗଡ଼,୧୪।୫( ଡି.ଏନ୍.ଏ.)



ଅତିଥି ରନ୍ଧା ଖାଦ୍ୟ ପରଷୁଛନ୍ତି।

ଦେବଗଡ଼ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆହାର କେନ୍ଦ୍ର ପ୍ରତ୍ୟେକ ରବିବାର ବନ୍ଦ ରହୁଛି। ତେଣୁ ହାପି ଟୁ ହେଲ୍ପ ଫାଉଣ୍ଡେଶନ ପକ୍ଷରୁ ପ୍ରତ୍ୟେକ ରବିବାର ରୋଗୀ, ପରିଜନ ଓ ଗରିବଙ୍କୁ ୫ ଟଙ୍କାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଫାଉଣ୍ଡେଶନର ଏହି ଛୋଟ ପ୍ରୟାସ ରବିବାର ଅଷ୍ଟମ ଦିନରେ ପହଁଞ୍ଚିଛି। ଦେବଗଡ଼ ଜିଲା ଶିଶୁ-ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଅତିଥିଭାବେ ଯୋଗଦେଇ ଖାଦ୍ୟ ପରସିବା ସହ ହାପି ଟୁ ହେଲ୍ପ ଫାଉଣ୍ଡେଶନ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସମ୍ପାଦକ ଆଲୋକ ଅମାନ୍ତ, ପିଙ୍କୁନ ଯତୀନ, ପ୍ରିତିଶ ମହାପାତ୍ର , ଅଜୟ ସାହୁ, କାହ୍ନୁ ଦେବତା, ଦୀପନ ନାୟକ, ସୁକାନ୍ତ ନାୟକ, ଶୈଳେନ୍ଦ୍ର ବ୍ରିନେଦ, ସୁଦାମ ଚରଣ ପୃଷ୍ଟି, ଦୀପକ ଷଣ୍ଢ, ବିକାଶ ନାୟକ, ବଳଭଦ୍ର ଗୁରୁ, ସୌମ୍ୟ ସାହୁ, ଚନ୍ଦନ ଦେବ, ସିକି ରଣା, ଭୁବନମୋହନ ନାୟକ, ଦୁଷ୍ମନ୍ତ ରଣା, ରାଜୁ ମାଟିଆରୀ, ପପୁନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଞ୍ଚଳିକ ଚଷା ସମାଜ ବୈଠକ

ଦେବଗଡ଼,୧୪।୫(ଡି.ଏନ୍.ଏ.)

ତିଲେଇବଣି ବ୍ଲକ ବଡ଼ଛାପଲ ପଞ୍ଚାୟତ ବ୍ରହ୍ମା ସାଧୁବାହାଳ ଗ୍ରାମରେ ପୂର୍ବ ବଡିଶ୍ୱଦା ଆଞ୍ଚଳିକ ଚଷା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବଡିଶ୍ୱଦା, ସୁବର୍ଣ୍ଣପାଲି ଜୋନର ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଅତିଥିଭାବେ ସୁଗୁଡା ଜୋନର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ଉପ ସଭାପତି ଧରଣୀଧର ସାହୁ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସହ ସାମାଜିକ ସଂସ୍କାର ଉପରେ ସେମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଆଞ୍ଚଳିକ ଚଷା ସମାଜର ଶତାଧିକ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ପଥଚାରୀଙ୍କୁ ଖୁସିକଲେ ସ୍କାଉଟ ଗାଇଡ୍

କୁତ୍ରା,୧୪।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବଦ୍ୟାଳୟ ସମ୍ମୁଖରେ ଭାରତ ସ୍କାଉଟ ଗାଇଡ୍ ଶାଖା ପକ୍ଷରୁ ସରବତ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ କୁତ୍ରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପରେ ଅନୁଷ୍ଠାନର ଗାଇଡ କ୍ୟାପଟେନ ଦୀପିକା କେରକେଟା, ନୂତନ ହରୋ, ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସ୍କାଉଟ ଗାଇଡ ଛାତ୍ରୀଛାତ୍ରଙ୍କ ହାତରୁ ଥଣ୍ଡା ପାନୀୟ ପିଇ ଲୋକେ ବେଶ ଖୁସି ହେବା ସହ ସେମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ବେଶ ପ୍ରଶଂସା କରିଥିଲେ। ଦୀର୍ଘ ଦୁଇ ଦଶନ୍ଧିଧରି ଏହି ଅନୁଷ୍ଠାନର ସ୍କାଉଟ ଗାଇଡ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମକରି ରାଜ୍ୟ ସ୍କାଉଟ ଗାଇଡର ଆସ୍ଥାଭାଜନ ହୋଇପାରିଛନ୍ତି ।

## ମୋବାଇଲ ଉଦ୍ଧାର, ଲୁଟେରା ଗିରଫ

**ବଲାଙ୍ଗୀର ଅଫିସ, ୧୪।୫:** ବଲାଙ୍ଗୀର ସହର ମାଳପଡା ନିବାସୀ ଶିବ ଶଙ୍କର ନାୟକ ଗତ ମାର୍ଚ୍ଚ ୧୪ ତାରିଖ ଭୋର ୪ଟାରେ ରେଳଷ୍ଟେଶନରୁ ଫେରୁଥିଲେ। ସୁଦପଡା ଯୁବଦୋୟ କଲେଜ ସାମ୍ନାରେ ସେ ପହଞ୍ଚି ଥିବା ବେଳେ ଦୁଇଜଣ ଅଜଣା ପିଲା ତାଙ୍କୁ ଅଟକାଇ ମାଡ଼ ମାରି ମୋବାଇଲ ଓ ଦୁଇ ହଜାର ଟଙ୍କା ଲୁଟି ନେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସବିତା



@ ରମେଶ



@ ସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାଇବର ଠକେଇ ଅଭିଯୋଗରେ ୩ ଗିରଫ

## ହେଲ୍‌ଥ କ୍ୟାମ୍ପ ନାଁରେ ଡାକ୍ତରଙ୍କୁ ଲୁଟିଥିଲେ

ରାଉରକେଲା ଅଫିସ,୧୪କା୫

ହେଲ୍‌ଥ କ୍ୟାମ୍ପ ନାଁରେ ଜଣେ ଡାକ୍ତରଙ୍କୁଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ରାଉରକେଲା ସାଇବର ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିୟାଣା ନାଇମୋହଲାର ମୁଜି ଓରଫ ମୁଜାହିଦ ଖାନ୍ (୨୨), ନାହିଦ(୧୯) ଓ ଇଜାଜ(୨୨)। ପୋଲିସ ସେମାନଙ୍କଠାରୁ ୪ଟି ସ୍ମାର୍ଟଫୋନ, ୩ଟି ପରିଚୟ ପତ୍ର, ବିଭିନ୍ନ ବ୍ୟାଙ୍କର ଏଟିଏମ, ସିମ୍‌କାର୍ଡକୁ ଜବତ କରିଛି। ପୋଲିସ ଏକ ମାମଲା (ନଂ.୫।୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, କୋଏଲନଗରର ଡାକ୍ତର ଦେବଜିତ କର ସହରରେ ଡେରାମାଟୋଲୋଜିଷ୍ଟ ଡାକ୍ତର ଭାବେ କାମ କରନ୍ତି। ଗତ ଏପ୍ରିଲ ୮ତାରିଖରେ ଏକ ମୋବାଇଲ (ନଂ.୭୯୦୮୯୧୫୦୭୦)ରୁ ଦେବଜିତଙ୍କ ପାଖକୁ ପ୍ରତି ମାସରେ ଏକ ହେଲ୍‌ଥ କ୍ୟାମ୍ପ ଆୟୋଜନ କରିବା ପାଇଁ ଫୋନ ଆସିଥିଲା। ଏହି ହେଲ୍‌ଥ କ୍ୟାମ୍ପରେ ପ୍ରଥମେ ୧୫୦ ଜଣ ରୋଗୀ ଚିକିତ୍ସିତ ହେବାର ଥିବାବେଳେ ପ୍ରତ୍ୟେକ ରୋଗୀଙ୍କୁ ଦେଖିବା ପାଇଁ ୩ଶହ ଟଙ୍କା ତାଙ୍କୁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏ ନେଇ ପ୍ରଥମେ କ୍ୟାମ୍ପ ପାଇଁ ଯେଉଁ ଡାକ୍ତର ଚୟନ ହେବେ ତାଙ୍କୁ ୮୦ ପ୍ରତିଶତ ଟଙ୍କା ସିକ୍ୟୁରିଟି ବାବଦ ଦେବାକୁ ପଡିବ ବୋଲି ସେମାନେ ଡାକ୍ତର ଦେବଜିତଙ୍କୁ କହିଥିଲେ। ଏଥିରେ ଦେବଜିତ ରାଜିହୋଇ ତାଙ୍କ ମୋବାଇଲକୁ ଆସିଥିବା ଫୋନ ନମ୍ବରରେ ନିଜର ପ୍ୟାନ, ଆଧାର କାର୍ଡ ଓ ଗୁଗୁଲପେ ମାଧ୍ୟମରେ ପ୍ରଥମେ ୪୫ ହଜାର ଟଙ୍କା ପୈଠ କରିଥିଲେ। ପରେ ସାଇବର ଠକମାନେ ତାଙ୍କୁ ଏକ ଓଟିପି ନମ୍ବର ପ୍ରଦାନ କରି ଡାକ୍ତରଙ୍କ ବ୍ୟାଙ୍କ ଖାତାରୁ ୫ଲକ୍ଷ ୯୪ ହଜାର ଟଙ୍କା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଦେବଜିତ ଯେଉଁ ମୋବାଇଲ ନମ୍ବରରେ ଠକମାନଙ୍କ ସହ କଥା ହୋଇଥିଲେ ସେହି ନମ୍ବର ସବୁ ବନ୍ଦ ହୋଇଯାଇଥିବାରୁ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏସ୍‌ଆଇ ମୁନା ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ହରିୟାଣା ଯାଇ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# କିଶାନ ସାଥୀ ଫାଉଣ୍ଡେଶନ ପକ୍ଷରୁ ଜୈବିକ କୃଷି କର୍ମଶାଳା

କୁତ୍ରା,୧୪।୫(ଡି.ଏନ୍.ଏ)




ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ଜିନ୍ଦାଟୋଲିଠାରେ କିଶାନ ସାଥି ଫାଉଣ୍ଡେଶନ ପକ୍ଷରୁ ପ୍ରାକୃତିକ ପଦ୍ଧତିରେ ଜୈବିକ କୃଷିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେଶନ ସଭାପତି ଅମୂଲ୍ୟ କୁମାର ପ୍ରଧାନ ଉପସ୍ଥିତ ଚାଷୀଙ୍କୁ ଜୈବିକ କୃଷି ଓ ଏହାର ଉପକାରିତା ନେଇ ବୁଝାଇଥିଲେ। ଧାନ ଚାଷ, ବାଦାମ ଚାଷ ସମେତ ସମସ୍ତ ପନିପରିବା ଚାଷରେ କିପରି ଭାବେ ନିଜେ ନିଜେ ଜୈବିକ ଖତ ପ୍ରୟୋଗ ସହ ପ୍ରାକୃତିକ ଔଷଧ ପ୍ରୟୋଗ କରିବେ ସେନେଇ ଅବଗତ କରିଥିଲେ। ଜମିରେ ଦୀର୍ଘ ଦିନରୁ ଚାଷୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ରାସାୟନିକ ସାର ପ୍ରୟୋଗ ଦ୍ୱାରା କିଭଳି ଭାବେ ଦିନକୁ ଦିନ ଜମିର ଉର୍ବରତା କମିବାରେ ଲାଗୁଛି ଏବଂ ରାସାୟନିକ ସାର ପ୍ରୟୋଗରୁ ଉତ୍ପାଦିତ ଶସ୍ୟ ଓ ପନିପରିବା ଖାଇବା ଦ୍ୱାରା ମାନବ ଶରୀରରେ ପଡୁଥିବା କୁପ୍ରଭାବ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଲୋକଙ୍କୁ ସଚେତନ କରିଥିଲେ। ସର୍ବପରି ଚାଷ କାର୍ଯ୍ୟରେ ପୁରାତନ ପ୍ରାକୃତିକ ପଦ୍ଧତି ଅବଲମ୍ବନ ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। କନ୍ଦେଇମୁଣ୍ଡା ସରପଞ୍ଚ ସୁଧିର ମିଞ୍ଜ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ପକ୍ଷରୁ ବିୟୁଟି ୱେଲନେସ ତାଲିମ ଶିବିର

ସମ୍ବଲପୁର,୧୪।୫(ବ୍ୟୁରୋ)

ସମ୍ବଲପୁରରେ ବୁର୍ଲାସ୍ଥିତ ଏସ୍‌ବିଆଇ ଆର୍‌ସେଟି ପକ୍ଷରୁ ବିୟୁଟି ୱେଲନେସ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଧନକଉଡା, ନାକଟିଦେଉଳ, ଯୁଯୁମୁରା, ରେଙ୍ଗାଲି ବ୍ଲକର ୨୫ ଜଣ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମିଶନଶକ୍ତି ଜିଲା ପ୍ରକଳ୍ପ ପରିଚାଳକ ନିରଞ୍ଜନ ପଣ୍ଡା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜୀବନଜୀବିକା ପ୍ରକଳ୍ପ ପରିଚାଳକ ବିକାଶ ମହାନ୍ତି ଯୋଗ ଦେଇଥିଲେ। ମନୋଜ ମହନ୍ତ, ସୋନାଲି ପଟ୍ଟନାୟକ, ସ୍ୱାଧୀନ ବେହେରା ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୨୫ ଜଣଙ୍କ ମଧ୍ୟରୁ ୬ ଜଣ ଉଦ୍ୟୋଗୀ ଲଳିତା ଭୋଇ, ଜୟନ୍ତୀ ଶାସନି, ହେମାଞ୍ଜିନୀ ସ୍ୱାଇଁ, ପୁଷ୍ପାଞ୍ଜଳି ମହାନନ୍ଦ, ଦିପାଞ୍ଜଳି ଡାକୁଆ, ସୁମିତ୍ରା ରାଉତଙ୍କୁ ୟୁନିଟ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ଦେବାକୁ ଏସ୍‌ବିଆଇ ଚୟନ କରିଥିଲା। ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ପରୀକ୍ଷକ ରାଜକୁମାର ରାୟ, ବରିଷ୍ଠ ବିୟୁଟିସିଆନ ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇ ୨୫ ଜଣଙ୍କ ଲିଖିତ ଓ ମୌଖିକ ପରୀକ୍ଷା କରାଇଥିଲେ। ଏସ୍‌ବିଆଇ ଆର୍‌ସେଟି ନିର୍ଦ୍ଦେଶକ ମୁକେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୁର୍ଲାରେ ଏସ୍‌ବିଆଇ ପକ୍ଷରୁ ବିୟୁଟିପାର୍ଲର ତାଲିମ ଶିବିର।

# ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନି

- ସମସ୍ୟା ସମାଧାନ ନ ହେଲେ ପୁଣି ରାସ୍ତା ରୋକୋ ଚେତାବନୀ
- ପାନୀୟ ଜଳ ସମସ୍ୟା ନେଇ ରାସ୍ତା ରୋକୋ ଘଟଣା

ଲାଞ୍ଜିଗଡ଼,୧୪।୫(ଡି.ଏନ.ଏ.)



ବନ୍ଧପାରି ପଞ୍ଚାୟତ ଡ଼ଙ୍ଗାଯୋର ଗ୍ରାମର ପଡ଼ାରବାସୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଯୋର ଗ୍ରାମ ଛକ ପଡ଼ାବାସିନ୍ଦା ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତଠାରୁ ବ୍ଲକ୍ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ସତ୍ତ୍ୱେ ଦାୟିତ୍ୱରେ ଥିବା କର୍ମଚାରୀ କିମ୍ବା ରାଜନେତା କେହି ମଧ କର୍ଣ୍ଣପାତ କରି ନ ଥିଲେ। ଏ ନେଇ ଏପ୍ରିଲ ୨୮ ତାରିଖ ସକାଳୁ ପଡ଼ାବାସୀ ଏକତ୍ରିତ ହୋଇ ବିଶ୍ୱନାଥପୁରଠାରୁ ବିଜେପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗରା, ବାଲ୍ଟି ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବ୍ଲକ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଦଶମନ୍ତ ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତଙ୍କ ସମ୍ମୁଖରେ ଏକ ଲିଖିତ ଭାବେ ୫ ଦିନ ମଧ୍ୟରେ ନଳକୂପ ଖନନ କରିଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତା ରୋକୋରୁ ଓହରି ଥିଲେ ପଡ଼ାବାସୀ । ଡ଼ଙ୍ଗାଯୋର ଗାଁ ଛକ୍ ପଡ଼ାବାସୀର ବହୁ ଆଶା ଥିଲା ଯେ ଯାହା ହେଉ ଏଥର ଆମର ଜଳ ସଙ୍କଟ ଦୂର ହେବ। କିନ୍ତୁ ପରିତାପର ବିଷୟ ପ୍ରତିଶ୍ରୁତିର ଆଜକୁ ପ୍ରାୟ ୧୬ ଦିନ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଗାଁରେ ନଳକୂପ ଟିଏ ଖୋଳା ହୋଇପାରିଲା ନାହିଁ। ଏ ନେଇ ପଡ଼ାବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ୫ ଦିନ ମଧରେ ଯଦି ସମସ୍ୟା ସମାଧାନ କରା ନ ହେଲେ ପୁଣି ରାସ୍ତା ରୋକୋ କରିବା ସହ ଜିଲାପାଳଙ୍କ ନିକଟକୁ ଯିବୁ ବୋଲି ମତ ପ୍ରକାଶ କରିଛନ୍ତି ପଡ଼ାବାସୀ। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

